ଓଡ଼ିଶାର ପ୍ରଥମ ସମ୍ପୂର୍ଣ୍ଣ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ



ନବମ ବର୍ଷ, ଚତୁର୍ଥ ସଂଖ୍ୟା

ଜୁନ ୨୦୧୪

'ଆହ୍ବାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ | କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ବ ରହିବ ନାହିଁ, ଯେତେବେଳଯାଏଁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ଦିଆଯାଇନାହିଁ | ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ବ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ | ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି | ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର | କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ବ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ବ ନାହିଁ |

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣ ମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ | ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ | ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତିଛବି ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରିବେ |

# ସମ୍ପାଦକୀୟ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏକ ନୂତନ ଯୁଗର ଶୁଭାରମ୍ଭ ହେଲା | ଭାରତରେ ଦୀର୍ଘ ଦଶବର୍ଷର କଂଗ୍ରେସ ଶାସନକୁ ପଛରେ ପକେଇ ଭାରତୀୟ ଜନତା ପାର୍ଟି ଏକକ ସଂଖ୍ୟା ଗରିଷ୍ଠତା ଲାଭକଲା | ନରେନ୍ଦ୍ର ଦାମୋଦରଦାସ ମୋଦି ଭାରତୀୟ ଗଣତନ୍ତ୍ରର ପ୍ରଧାନମନ୍ତ୍ରୀ ହେଲେ | ଏହି ବିଜୟର ଶ୍ରେୟ ଅବଶ୍ୟ ଭାରତର ଯୁବାବର୍ଗକୁ ଯିବା ଉଚିତ, ଯେଉଁମାନେ ଫେସବୁକ୍ ଓ ଟ୍ବିଟର ପରି ସାମାଜିକ ବନ୍ଧୁତ୍ବର ସାଇଟକୁ ରାଜନୈତିକ କୁରୁକ୍ଷେତ୍ରରେ ପରିଣତ କରିଦେଇଥିଲେ | ମୋଦି ପ୍ରଧାନମନ୍ତ୍ରୀ ହେବାପରେ ତାଙ୍କର ରାଜନୈତିକ ରଣନୀତି ଏବେ ସର୍ବଜନବିଦିତ | ଏବଂ ଏଥିରେ ଫେସବୁକ୍ ଏବଂ ଟ୍ବିଟର ପରି ସାଇଟ୍ ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ବପୂର୍ଣ୍ଣ ଥିଲା | ସେ ଯା'ହେଉ ଅତ୍ୟଧିକ ଦରଦାମ ବୃଦ୍ଧି, ଅନେକ ଗୁଡ଼ିଏ ସ୍କାମ୍ ଏବଂ ସାମାଜିକ ଅବ୍ୟବସ୍ଥାକୁ ଅଭ୍ୟସ୍ତ ହୋଇଯାଇଥିବା ଭାରତୀୟ ଜନତା ଏଥର ବହୁଳ ସଂଖ୍ୟାରେ ଭୋଟ୍ ଦାନ କରି ଭାରତୀୟ ଜନତା ପାର୍ଟିକୁ ସଂଖ୍ୟା ଗରିଷ୍ଠତା ଆଣି ଦେଇଛନ୍ତି |

ଚଳିତ ଲୋକସଭା ନିର୍ବାଚନ ପୂର୍ବରୁ ମୋଦିଙ୍କ ଦ୍ବାରା ଦିଆଯାଇଥିବା ଅନେକ ପ୍ରତିଶୃତିକୁ ସେ କାର୍ଯ୍ୟରେ ପରିଣତ କରିବାପାଇଁ ପଦକ୍ଷେପ ନେଇଛନ୍ତି ଏବଂ ନେଉଛନ୍ତି | ବିଗତ ଏକ ସପ୍ତାହରୁ ଅଧିକ ସମୟ ଦେଶର ବିଭିନ୍ନ ପ୍ରମୁଖ ସମ୍ବାଦପତ୍ରରେ ମୋଦିଙ୍କ କାର୍ଯ୍ୟଶୈଳୀର ପ୍ରଶଂସା ବାହାରୁଛି | କଂଗ୍ରେସ ଦଳର ପ୍ରମୁଖ ନେତା ମାନେ ମଧ୍ୟ ମୋଦିଙ୍କ ଶୈଳୀକୁ ପ୍ରଶଂସା ନ କରି ରହିପାରୁନାହାନ୍ତି |

ସେ ଯା ହେଉ, ମୋଦି ଆସିଯାଇଛନ୍ତି, ବର୍ତ୍ତମାନ ନିଶ୍ଚୟ ଭାବେ କିଛି ଭଲ ହେବ ବୋଲି ଆମ ମନ ବି କହୁଛି | ଅନ୍ୟ କୌଣସି କ୍ଷେତ୍ରରେ ହେଉ ନ ହେଉ, କିନ୍ତୁ ଶେୟାର୍ ବଜାରର ସୁଚକାଙ୍କ ମୋଦିଙ୍କ ଆସିବା ଖବର୍ ପାଇବାପରେ ତୀବ୍ରବେଗରେ ଉର୍ଦ୍ଧ୍ବମୁଖୀ ହୋଇଛି | ସଂପ୍ରତି ପଚିଶି ହଜାରରୁ ଅଧିକ ଅଙ୍କ ସହ ଶେୟାର ବଜାର ନିବେଶକ ମାନଙ୍କ ମନରେ ନୂତନ ଆଶାର ସଞ୍ଚାର କରୁଛି | ବିଗତ ସପ୍ତାହରେ ସୁନାର ବଜାର ଦର କମ ହୋଇଛି | ଦିନକୁ ଦିନ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ବଢ଼ିବାରେ

ଲାଗିଚି | ବୋଧହୁଏ ଏ ସବୁ ହିଁ ଭଲ ଦିନ ଆସିବାର ସଙ୍କେତ | ଅବଶ୍ୟ ପେଟ୍ରୋଲର ଦର ଅପରିବର୍ତ୍ତିତ ରହିଛି, ଦୋକାନରେ ତେଲ, ଲୁଣ, ଚିନି, ଅଟା, ଚାଉଳର ଦର ପୂର୍ବପରି ଅଧିକ ହିଁ ରହିଛି | ଜଣେ ସାଧାରଣ ଜନତା ଏବଂ ଉପଭୋକ୍ତା ଭାବରେ ଆମକୁ କଣ ଲାଭ ମିଳୁଛି ସେ ବିଷୟରେ ଚର୍ଚ୍ଚା କରିବା ସମୟ ବୋଧହୁଏ ଆହୁରି ଆସିନି | କିଛି ଦିନପରେ ବୋଧହୁଏ ଆହୁରି ଅନେକ ପରିବର୍ତ୍ତନ ହେବ |

'ବେଙ୍ଗ କହେ ବେଙ୍ଗୁଲି ଲୋ, ପୃଥିବୀ କ୍ଷଣ କ୍ଷଣକେ ଆନ', ଏଇ କଥା ଶୁଣି ଶୁଣି ବଡ଼ ହେଇଛୁ, ତେଣୁ ପରିବର୍ତ୍ତନର ଆଶା ମନରୁ ମଉଳି ଯାଉନି | ଆଶା ଉପରେ ହିଁ ତ ସମଗ୍ର ଦୁନିଆ ତିଷ୍ଠିଛି | ଆଶା କରୁଛୁ, ଦିନ ଭଲ ଆସିବ, ମଧ୍ୟମବର୍ଗର ଆମ ଭାରତୀୟ ମାନଙ୍କୁ ତେଲଲୁଣ ପାଇଁ ତଳିତିଳାନ୍ତ ହେବାକୁ ପଡ଼ିବ ନାହିଁ, ନିଜ ମୁଣ୍ଡ ଉପରେ ଛାତଟିଏ କରିବା ପାଇଁ ସ୍ବପ୍ନ ଦେଖିବାକୁ ହେବନାହିଁ, ସମାଜରେ ସବୁକିଛି ସାମାନ୍ୟ ହୋଇଯିବ, ପାକିସ୍ତାନ ଆମ ସହ ଧୋକାବାଜି କରିବ ନାହିଁ, ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କ ହେତୁରୁ ଆମ ଦେଶର କୌଣସି ନାଗରିକର ପ୍ରାଣ ଯିବନାହିଁ, ଆମ ସୀମାରେ ଚୀନ ଅନୁପ୍ରବେଶ କରିବ ନାହିଁ, ମୁମ୍ବାଇ ହେଉ ବା ହାଇଦ୍ରାବାଦ୍ ଆଉ ବୋମା ବିସ୍ଫୋରଣ ହେବନାହିଁ | ଏମିତି ଅନେକ ସ୍ବପ୍ନ ଆମେ ଦେଖିଥିଲୁ ଯେତେବେଳେ ନରେନ୍ଦ୍ରମୋଦି ପ୍ରଧାନମନ୍ତ୍ରୀ ପଦବୀ ପାଇଁ ନିର୍ବାଚିତ ହୋଇଥିଲେ | ଆମ ଆଶା ମଉଳି ନାହିଁ |

ବିଗତ ମାସରେ ଆମ ଦେଶରେ ଆନ୍ଧ୍ରପ୍ରଦେଶକୁ ବିଭାଜନ କରି ଦୁଇଟି ନୂତନ ରାଜ୍ୟର ଅଭ୍ୟୁଦୟ ହୋଇଛି, ସୀମାନ୍ଧ୍ରା ଏବଂ ତେଲେଙ୍ଗାନା ନାମରେ ଏହି ଦୁଇ ରାଜ୍ୟ ସମେତ ଭାରତର ରାଜ୍ୟସଂଖ୍ୟା ୨୯ରେ ପହଞ୍ଚିଛି | ବିଗତ କଂଗ୍ରେସ ସରକାରର ଶେଷ ସମୟରେ ଏହି ନିଷ୍ପତ୍ତି ନିଆଯାଇଥିଲା, ବିରୋଧ ସତ୍ତ୍ବେ ଏହି ରାଜ୍ୟଗଠନ ହୋଇ ଏବେ ପ୍ରତ୍ୟେକ ରାଜ୍ୟରେ ନୂତନ ସରକାର ଗଠନ ହୋଇ ସାରିଛି | ସୀମାନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଶ୍ରୀ ଚନ୍ଦ୍ରବାବୁ ନାଇଡୁ ଶପଥ ଗ୍ରହଣ କରିବା ସହିତ ରାଜ୍ୟରେ ବିଭିନ୍ନ

କୃଷକମାନଙ୍କ ଉପରେ ଥିବା ଋଣ ଛାଡ଼ କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି, ଚଉବନ ହଜାର କୋଟି ଟଙ୍କାର ଋଣ ଛାଡ଼ କରିବା ନିଷ୍ପତ୍ତି ଏକ ଅର୍ଥନୈତିକ ବିପର୍ଯ୍ୟୟକୁ ସ୍ବାଗତ କରୁଛି ବୋଲି ଅନେକ ଅର୍ଥଶାସ୍ତ୍ରୀ ମତ ଦେଇସାରିଛନ୍ତି | ବିଭିନ୍ନ ସୂତ୍ରରୁ କେନ୍ଦ୍ରକୁ ମିଳୁଥିବା ଅର୍ଥରୁ ଏହି ଅନୁଦାନ ଦିଆଗଲେ, ଆଗାମୀ ଦିନରେ ସମସ୍ତ ରାଜ୍ୟମୁଖ୍ୟମାନେ ଅନୁରୂପ ଦାବୀ ଉପସ୍ଥାପନ କରିପାରନ୍ତି ବୋଲି ମଧ୍ୟ ସୂଚନା ମିଳୁଛି | ଲୋକଙ୍କ ହିତପାଇଁ କାର୍ଯ୍ୟ କରୁଥିବା ସରକାର ମାନେ ଏହିପରି ନିଷ୍ପତ୍ତି ନେବାପୂର୍ବରୁ ଜନତାଙ୍କ ରାୟ ହାସଲ କରିବା ଉଚିତ ନୁହେଁ କି ?

ବିଗତ ଦିନରେ ଭାରତର ଏକ ପ୍ରମୁଖ ରାଜ୍ୟ ଉତ୍ତରପ୍ରଦେଶ ଏକ ବିଭତ୍ସ କାରଣରୁ ସମ୍ବାଦପତ୍ରର ଶିରୋନାମା ମଣ୍ଡନ କରିଥିଲା | ରାଜ୍ୟରେ ମହିଳା ମାନଙ୍କ ଉପରେ ବଢୁଥିବା ଅତ୍ୟାଚାରର ସଦ୍ୟ ନମୁନା ବଦାୟୁଁର ଦଳିତ ଭଉଣୀ ମାନଙ୍କୁ ବଳାତ୍କାର ପରେ ହତ୍ୟାରୁ ସ୍ପଷ୍ଟ ପ୍ରମାଣିତ ହୋଇଥିଲା | ସୂଚନାଯୋଗ୍ୟ ଯେ ବିଗତ ଲୋକସଭା ନିର୍ବାଚନ ସମୟରେ ଉତ୍ତରପ୍ରଦେଶର ଜନୈକ ପ୍ରମୁଖ ନେତା ଶ୍ରୀ ମୁଲାୟମ ସିଂ ଯାଦବ ବଳାତ୍କାରକୁ ନେଇ ଏକ ଏମିତି ଟିପ୍ପଣୀ ଦେଇଥିଲେ, ଯାହା ଫଳରେ ଜନତାଙ୍କ ମଧ୍ୟରେ ଉତ୍ତେଜନା ଦେଖିବାକୁ ମିଳିଥିଲା | ଯୁବକ ମାନେ ବେଳେ ବେଳେ ଭୁଲରେ ଏମିତି କାମ କରିଦିଅନ୍ତି ଏବଂ ଏଥିପାଇଁ ମୃତ୍ୟୁଦଣ୍ଡ ଦେବା ଅନୁଚିତ ବୋଲି ସେ କହିଥିଲେ | ଯେଉଁ ରାଜ୍ୟର ପ୍ରମୁଖ ଏମିତି ଭାଷଣ ଦିଅନ୍ତି, ସେଇ ରାଜ୍ୟରେ ଏହିପରି ଘଟଣା ଘଟିବା କୌଣସି ଆଶ୍ଚର୍ଯ୍ୟର କଥା ନୁହେଁ | ପରେ ସମ୍ବାଦପତ୍ରରୁ ଜଣା ପଡ଼ିଲା ଯେ ଉତ୍ତରପ୍ରଦେଶରେ ପ୍ରତି ଦୁଇଘଣ୍ଟାରେ ଗୋଟିଏ ବଳାତ୍କାର ଘଟଣା ଘଟୁଛି, ଏବଂ ସେଠାକାର ସରକାର ଏଥିପ୍ରତି କୌଣସି ନିଘା ରଖୁନଥିବା ସ୍ପଷ୍ଟ ଜଣା ପଡୁଛି | ସେ ଯାହେଉ, ସଂସଦରେ ତେତିଶି ପ୍ରତିଶତ ସଂରକ୍ଷଣ ଦେଇଦେଲେ ଯେ ବଳାତ୍କାର ପରି ଘଟଣାମାନ ଘଟିବା କମ୍ ହୋଇଯିବା ତାହା କହିହେଉନି | ବିଗତ ଅନେକ ବର୍ଷରେ ଏହି ବିଷୟକୁ ନେଇ ଅନେକ ବଡ଼ ଘଟଣାମାନ ଘଟିଯିବା ସତ୍ତ୍ବେ ଲୋକଙ୍କ ମନରେ

ଆଇନବ୍ୟବସ୍ଥାର କୌଣସି ଭୟ ନ ରହିବା ବାସ୍ତବିକ ଚିନ୍ତାର ବିଷୟ | ଯୁଗେ ଯୁଗେ ଆମ ଦେଶରେ ମହିଳାମାନଙ୍କୁ ନିଷ୍ପେସିତ, ଅବଳା ଦୁର୍ବଳା ବୋଲି ଯେଉଁ ଆଖ୍ୟାମାନ ଦିଆଯାଇଛି, ସେଇଥି ପାଇଁ ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି | ଯେଉଁ ଦେଶରେ ନାରୀଙ୍କୁ ସମ୍ମାନ ମିଳେ ନାହିଁ, ସେଇ ଦେଶରେ ଅଗ୍ରଗତି ସମ୍ଭବ ନାହିଁ |

ପରିଶେଷରେ, ବିଗତ ଦୁଇ ମାସ ଦେଶରେ ବାତାବରଣ ଅତ୍ୟନ୍ତ ଉଷ୍ମ ରହିବା ସହିତ କେତେକ ସ୍ଥାନରେ ଅନେକ ନୂତନ ରେକର୍ଡ଼ ସୃଷ୍ଟି ହୋଇଛି | ହଠାତ୍ ବାତାବରଣ ଏତେ ଉଷ୍ମ ହେବା ଏକ ଚିନ୍ତାର ବିଷୟ | ବିଗତ ବର୍ଷର ଫାଇଲିନ୍ ମହାବାତ୍ୟା ପରେ ଓଡ଼ିଶାର ଅନେକ ସ୍ଥାନରେ ବିଶାଳ ବୃକ୍ଷମାନ ଉପୁଡ଼ି ପଡ଼ିଥିବା ହେତୁ ଗରମ ଅଧିକ ଅନୁଭବ ହେଉଛି ବୋଲି କୁହାଯାଉଛି, ତେଣୁ ଆମେ ଆମ ପାଠକ ପାଠିକା ମାନଙ୍କୁ ଅନୁରୋଧ କରୁଛି, ପ୍ରତ୍ୟେକେ ନୂତନ ବୃକ୍ଷରୋପଣ ହେତୁ ଆଗ୍ରହୀ ହୁଅନ୍ତୁ |

ଚଳିତ ମାସର ଆହ୍ୱାନ ଇ-ପତ୍ରିକା ଆପଣ ମାନଙ୍କୁ ନିଶ୍ଚୟ ଭାବରେ ଭଲ ଲାଗିବ ବୋଲି ଆଶା କରି ଆପଣ ମାନଙ୍କୁ ଉପହାର ଦେଉଛି ଚଳିତ ମାସର ଆହ୍ୱାନ |

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସୂଚୀପତ୍ର


| | |
|---|---|
| ହଡ଼ାବଳଦ<br>ଅରବିନ୍ଦ ଦାସ | ୮ |
| ବ୍ୟବହାରିକ ଜୀବନରେ ଧର୍ମର ଭୂମିକା<br>ବାଲ୍ମୀକି ନାୟକ | ୧୩ |
| ସତ କୁହ<br>ଭାଗିରଥୀ ବେହେରା | ୧୮ |
| ମୋତେ ନ୍ୟାୟ ମିଳୁ<br>ଅନିଲ୍ କୁମାର ସେଠୀ | ୧୯ |
| ତୁମେ କଣ ଜାଣନା ?<br>ସିଲୁ ବେହେରା | ୨୦ |
| ନିଶା<br>ଗିରୀଶ ଚନ୍ଦ୍ର ପଣ୍ଡା | ୨୧ |
| ମାତୃଭାଷା<br>ଡ: କୁଳାଙ୍ଗାର | ୨୨ |
| କୁହ ତ ବାପା<br>ଦେବେନ୍ଦ୍ର ପ୍ରସାଦ ବଳ | ୨୪ |
| ପ୍ରୀତିରଙ୍ଗ<br>ସଚ୍ଚିଦାନନ୍ଦ ବାରିକ | ୨୭ |
| ସେ ନିଶ୍ଚୟ ଆସିବ<br>ହିତେଶ୍ ମହାପାତ୍ର | ୨୯ |
| ମାଆ<br>ଶ୍ରୀ ସୂର୍ଯ୍ୟକାନ୍ତ ଦାଶ | ୩୦ |
| ଠୁକୁରୁ ଠୁକୁରୁ... ଠୁକୁରୀ<br>ଅନୁପମ ବେହେରା | ୩୧ |
| କୃଷ୍ଣ ଝୁଲଣାରେ...<br>ପ୍ରୀତିପଦ୍ମା ପଣ୍ଡା | ୩୨ |

# ହଡ଼ାବଳଦ



ଅରବିନ୍ଦ ଦାସ

ଦାନ୍ତକାଠିଟା ଚୋବାଉ ଚୋବାଉ ଖବର କାଗଜ ଉପରେ ଆଖି ବୁଲେଇ ଆଣିଲେ ସୁକାନ୍ତ। ଆଜିକାଲି ଭଲ ସମ୍ବାଦ ଅପେକ୍ଷା ବିଜ୍ଞାପନ ଅଧିକ। ବାହାଘର ଓ ଚାକିରୀ ପାଇଁ ଅଧିକ ବିଜ୍ଞାପନ ବାହାରୁଛି। ବେସରକାରୀ ସଂସ୍ଥା ତଥା ଅନେକ ଠକ ସଂସ୍ଥା ଏମିତି ସବୁ ବିଜ୍ଞାପନ ବାହାର କରିଥାନ୍ତି ଲୋକଙ୍କୁ ଭୂଆଁ ବୁଲେଇବା ପାଇଁ। ଠିକ୍ ଯେମିତି ଛତୁ ଫୁଟିଲା ପରି ଏବେ ଚାରିଆଡ଼େ କୋଚିଂ ସେଣ୍ଟର ଏବଂ ଅର୍ଥଲଗାଣକାରୀ ସଂସ୍ଥା। ଜଣେ ପାଠପଢ଼ା ପିଲା ତଥା ସେମାନଙ୍କ ବାପାମାଙ୍କୁ କୁଟୁଛି ତ ଆଉ ଜଣେ ଅଭାବଗ୍ରସ୍ତଙ୍କୁ ଲୁଟୁଛି। ଖବରକାଗଜଟା ବନ୍ଦକରି, ଦାନ୍ତକାଠିର ଉପର ଭାଗ ଅଂଶକୁ ଚୋବେଇ ଥୁ କରି ବାହାରକୁ ପକେଇଦେଲେ ସୁକାନ୍ତ। କାଠିଟିକୁ ଦାନ୍ତରେ ଦୁଇଫାଳ କରି ଜିଭ ଛେଲି ଚାରିପଟକୁ ଫୋପାଡ଼ିଦେଲେ ଠିକ୍ ଯେମିତି ମନ ଭିତରେ ଅଥବା ଦୁଶ୍ଚିନ୍ତା ଗୁଡ଼ିକୁପେପର ପଢ଼ିଲାବେଳେ।

ଆଜିକଣ ଦାନ୍ତଘଷା ସରିବନି କି ତମର ? କେତେବେଳେ ଅଫିସ ଯିବ ? ସ୍ତ୍ରୀ ତନୁଙ୍କର ପାଟି ଶୁଭିଲା, 'ଜଳଦି ଖାଇବାକୁ ବାଢ଼ିଦିଅ। ମୁଁ ପାଣି ଦି ନୋଟା ଢାଳିହୋଇ ଆସୁଛି।'

ଖାଇ ବସିଲା ବେଳେ ତନୁ ପଚାରୁଥିଲେ, 'ଆଜି ପରା ଗାଁ କୁ ଯିବ ବୋଲି ଛୁଟି ନେଇଥିଲ? ଅଫିସ କାହିଁକି ଯିବ ?'

ଜରୁରୀ କାମ ଅଛି। କାଲି ତ ଶନିବାର ଅଛି। ଗାଁକୁ ଯାଇ ଗୋଟେ ଦିନ ରହି ରବିବାର ଫେରିବି ବୋଲି ଭାବୁଛି। ତମେ ଯିବ କି ? ସୁକାନ୍ତ ତନୁଙ୍କ ମୁହଁକୁ ଅନାଉଥିଲେ।

'ମୋତେ ଆଉ ମା'କୁ ନେବା ଦରକାର ନାହିଁ। ଜଳଦି ସେ ନଇପାଖ ଜମି ଏବଂ ଆମ୍ବତୋଟା ବିକାବିକି କାମ ସାର। ଚାକିରୀ ସରିବାକୁ ଆଉ ଛଅ ମାସ ରହିଲା, ଏଠାରେ ଘରଟେ କଲନି କି ଫ୍ଲାଟ୍ ଟେ କିଣିଲନି। ଜମିଖଣ୍ଡେ ବି ପକେଇଲନି। ଏ ବୁଢ଼ୀ ବୟସରେ ଗାଁରେ ଯାଇ ମୁଁ ଚଳିପାରିବିନି। ଏଠାରେ ଘରଟାଏ କିଣ। ପୁଅମାନଙ୍କ ସହ ମୁଁ ଏଠାରେ ରହିବି, ତମ ଇଚ୍ଛା ତମେ ଯେଉଁଠି ରହିବ। ଗାଁରେ ଭାଇ, ଭାଇବୋହୂ, ପୁତୁରାଙ୍କ ସହ ରୁହ।' ଚେତାଇ ଦେଇ ଗଲେ ତନୁ; ଠିକ୍ ଯେମିତି ଅନ୍ୟଥରମାଣଙ୍କ ପରି ସ୍ବାମୀଙ୍କୁ ତାଗିଦ୍ କରି

ଦିଅନ୍ତି |

ଅଫିସରେ ପହଞ୍ଚି କାମରେ ମନ ଲଗେଇବାକୁ ଚେଷ୍ଟା କଲେ ସୁକାନ୍ତ | ଭଲ କମ୍ପାନୀରେ ଚାକିରୀ କରିଛନ୍ତି ସେ | ଘରେ ବଡ଼ ପୁଅ ବୋଲି ସବୁ ବୋଝକୁ ନିଜେ ଆଦରି ନେଇଥିଲେ | ଦୁଇ ଭଉଣୀଙ୍କ ବାହାଘର, ଏକ ମାତ୍ର ଝିଅର୍ ବାହାଘର | ଗାଁ ଘରକୁ ପକ୍କା କରିଦେଇ ଛାତ ପକେଇବା, ଜମିକିଣାରେ ତାଙ୍କ ଚାକିରୀର ପୁଞ୍ଜିର ପ୍ରାୟ ସବୁ ଅର୍ଥ ଖର୍ଚ୍ଚ ହୋଇଯାଇଥିଲା | ନିଜ କଥା, ନିଜ ସ୍ବାର୍ଥ ବିଷୟରେ ଏତେଟା ଧ୍ୟାନ ଦେଇ ପାରିନଥିଲେ | ନିଜର ଦୁଇ ପୁଅ ବଡ଼ ହେଲେଣି |

୫/୬ ବର୍ଷ ପୂର୍ବେ ସେ ନିଜ ପିଲାଙ୍କ ବିଷୟରେ ଜମା ଚିନ୍ତା କରୁନଥିଲେ | ଝିଅକୁ ବାହା କରିଦେଇ ସେ ନିଶ୍ଚିନ୍ତ ହୋଇଯାଇଥିଲେ | ପୁଅଙ୍କ ପାଇଁ ଚିନ୍ତା କାହିଁକି ? ପୁଅ ତ ଆପେ ଆପେ ମଣିଷ ହେବେ | ବଡ଼ଟା ଏମ୍ ଏ କରି କମ୍ପିଟେଟିଭ୍ ପରିକ୍ଷା ଦେଉଛି | ସାନ ବର୍ଷେ ହେବ ଇଞ୍ଜିନିୟରିଂ ସାରିଦେଇ ବସିଛି | ଏବେ ତାଙ୍କୁ ଚିନ୍ତା ଲାଗୁଛି | ଚାକିରୀ ସରିବା ପୂର୍ବରୁ ପିଲାମାନେ ଚାକିରୀ କରିବେ ତ ? ଆଗପରି ଆଉ ସମୟ ନାହିଁ ଯେ, ବାପାର ଚାକିରି ସରିଲା ପରେ ପୁଅ ସେଇ ଦପ୍ତରରେ ପଶିଯିବ | ସରକାର ଏବେ ଚାକିରୀ କାଟି ଦେଉଛନ୍ତି | ଅଳ୍ପ ଲୋକରେ କାମ ଚଳାଉଛନ୍ତି | ଆଶାଥିଲା କମ୍ପ୍ୟୁଟର ଇଞ୍ଜିନିୟରିଂ ପାସ୍ କରିଥିବା ସାନ ପୁଅଟା ସାଙ୍ଗେ ସାଙ୍ଗେ ଚାକିରୀ ପାଇଯିବ ବୋଲି | ଭାଗ୍ୟ ତାର ଖରାପ | ପ୍ରାୟ ସବୁ ସାଙ୍ଗ କେଉଁଠି ନା କେଉଁଠି ଲାଗି ଗଲେଣି | ନା, ତାଙ୍କୁ ହିଁ କିଛି ଗୋଟେ କରିବାକୁ ପଡ଼ିବ | ହେଲେ କ'ଣ ବା ସେ କରିପାରିବେ ? ତଥାପି ଗୋଟାଏ ଆଶାର କିରଣ ଜୀବିତ ଅଛି |

'ସୁକାନ୍ତ ବାବୁ ଖବରଟା ଶୁଣିଲେଣି ନା ନାହିଁ?' ପାଖ ସିଟରେ ବସିଥିବା ତାଙ୍କରି ସମବୟସ୍କ ପ୍ରଧାନବାବୁଙ୍କ କଥା ଶୁଣି ବୁଲିପଡ଼ିଲେ |

ନିଜ ସିଟରୁ ଉଠି ପ୍ରଧାନବାବୁ ଗୋଟାଏ କାଗଜ ବଢ଼େଇଦେଲେ ତାଙ୍କ ହାତକୁ | ଦିଲ୍ଲୀର ମୁଖ୍ୟ କାର୍ଯ୍ୟାଳୟରୁ ଫାକ୍ସ ଆସିଛି | କାଗଜଟା ଦୁଇ ତିନିଥର ପଢ଼ି ପକେଇଲେ | ମନରେ ଥିବା ଆଶାର କିରଣ ଧପ୍ କରି ଲିଭିଗଲା | ଠିକ୍ ଯେମିତି ଦଲକାଏ ପବନରେ

ଦୀପ ଲିଭିଯାଏ |

ମନଟା ପୋଡ଼ିଗଲା ପରି ଲାଗୁଥାଏ ସୁକାନ୍ତ ବାବୁଙ୍କର | ଚାକିରିକାଳ ୫୮ ବର୍ଷରୁ ୬୦ବର୍ଷକୁ ବଢ଼େଇବାକୁ ଯେଉଁ ବିଲ୍ ଆଗତ ହୋଇଥିଲା, ପାର୍ଲିଆମେଣ୍ଟରେ ତାହା ଖାରଜ ହୋଇଯାଇଛି | ତେଣୁ ଆଉ ଠିକ୍ ଛଅମାସ ପରେ ତାଙ୍କୁ ଅବସର ନେବାକୁ ପଡ଼ିବ ହିଁ ପଡ଼ିବ | ଆଉ ଅଧିକ ଦୁଇବର୍ଷ ଚାକିରୀ ତାଙ୍କ ଭାଗ୍ୟରେ ନାହିଁ | ଆସନ୍ତା ଦୁଇବର୍ଷ ଭିତରେ ଦୁଇପୁଅ କେଉଁଠି ରୋଜଗାର ପାଇଁ ଥଇଥାନ ହୋଇଥାନ୍ତେ, ଦୁଃଖ କମିବା ବଦଳରେ ବଢୁଛି |

ଦୀର୍ଘ ନିଃଶ୍ବାସଟେ ପକେଇ ପ୍ରଧାନବାବୁଙ୍କୁ ଇସାରାରେ ବାହାରକୁ ଡାକିଲେ | କ୍ୟାଣ୍ଟିନରେ ଚା ପିଉ ପିଉ କହିଲେ, 'ଆପଣଙ୍କ ଅନୁମାନ ଠିକଥିଲା | ଏ ସରକାର ଆମ ପରି ବରିଷ୍ଠ ନାଗରିକଙ୍କୁ ଆଉ ଅଧିକ ଦିନ ଦାନାପାଣି ଦେବା ମତଲବରେ ନାହାନ୍ତି | ଅବସର ନେଇ ଘରେ ବସିବାକୁ ହିଁ ପଡ଼ିବ |'

'ଆରେ, ଆପଣଙ୍କର ପରି କାମିକା ଲୋକ ଏପରି କଥା କହିଲେ ଆମେ କ'ଣ କରିବୁ ? ଆଜି ବି ଆପଣଙ୍କ ଡିମାଣ୍ଡ ବହୁତ | ଦୁଇଦିନ ତଳେ ମାଧବନ୍ ସାରः ଆମ ପୂର୍ବତନ ସିଏମଡ଼ି ଙ୍କ ସହ ଦେଖା ହୋଇଥିଲା, ମାର୍କେଟରେ | ସେ ଏବେ ବଡ଼ବିଲରେ, ମିତ୍ତଲ ଗୃପରେ ଭାଇସ ପ୍ରେସିଡେଣ୍ଟ ହେଇ ଜଏନ୍ କରିଛନ୍ତି | ଆଗେ ଆପଣଙ୍କ କଥା ପଚାରିଲେ | ତାଙ୍କ କାର୍ଡ଼ ଆପଣଙ୍କୁ ଦେବାପାଇଁ କହିଲେ | ଏବଂ ଫୋନ୍ କରିବାପାଇଁ ମଧ କହିଥିଲେ | ମୋ ପୁଅକୁ ତାଙ୍କ କମ୍ପାନୀରେ ରଖେଇ ଦେବେ ବୋଲି କହିଛନ୍ତି |' ପ୍ରଧାନବାବୁ କହିଲେ |

ମନରେ ଏକ ଆଶାର ଆଲୋକ ଉଜ୍ଜୀବିତ ହେଲା ସୁକାନ୍ତଙ୍କର | ଠିକ୍ ଯେମିତି ଦିଗହରା ଜାହାଜଟିକୁ ବତୀଘରର ଆଲୋକ ଦିଶିଗଲାପରି | ମନେ ମନେ ଚିନ୍ତା କଲେ ମାଧବନ୍ ସାରଙ୍କ ସହ କଥା ହେବି ବୋଲି | ସୁକାନ୍ତ ବହୁତ କାମିକା ଓ ସଚ୍ଚୋଟ ବୋଲି ସମସ୍ତେ ଭଲ ପାଆନ୍ତି | ଫୋନ୍ ଲଗେଇଲେ ସୁକାନ୍ତ | ଆରପାଖରୁ ମାଧବନଙ୍କ ଉତ୍ସାହିତ ସ୍ବର | ସନ୍ଧ୍ୟାରେ ଭୂବନେଶ୍ବର ଗେଷ୍ଟ ହାଉସରେ ଦେଖା କରିବାକୁ କହିଲେ |

ଗୋଡ଼ ତଳେ ଲାଗୁନଥିଲା ସୁକାନ୍ତଙ୍କର | ତନୁକୁ ସୁଖବରଟା ଜଣେଇଦେଲେ | ସାନପୁଅର ବାୟୋଡ଼ାଟା ନିଜ ହ୍ୟାଣ୍ଡ ବ୍ୟାଗରେ ଧରିଲେ | ମନେ ମନେ ଭାବିଲେ ମାଧବନ୍ ସାର ନିଶ୍ଚୟ ତାଙ୍କ କଥା ରଖିବେ |ଅନ୍ତତଃ ସାନ ପୁଅଟା କୂଳକୁ ଲାଗିଯିବ | ସେ ଏବେ ଟିକେ ଶାନ୍ତିରେ ନିଃଶ୍ବାସ ମାରିପାରିବେ | ମନେ ମନେ ଅନେକ କଳ୍ପନା କରି ପକାଇଲେ | ଗାଁ ଜମି ଓ ତୋଟାକୁ ବିକିଦେଇ, ଗ୍ରାଚ୍ୟୁଇଟି ଓ ପ୍ରୋଭିଡେଣ୍ଟ ଟଙ୍କାରେ ଏଠାରେ ଫ୍ଲାଟ୍ ନେଲେ ବି ଅସୁବିଧା ହେବନି | ସାନପୁଅଟା ବଡ଼ବିଲରେ ଜଏନ୍ କଲେ, ମାଧବନ୍ ସାରଙ୍କୁ କହି ଏଠାକୁ ବଦଳି କରିଦେଇ ହେବ | ଘରେ ଶାନ୍ତି ରହିବ |

ଗାଁକୁ ଫୋନ କଲେ, ସାନ୍ ଭାଇ ପାଖକୁ | ଜମି ବିକ୍ରି ସମ୍ପର୍କରେ ଘରେ ଥିବା ହଡ଼ା ବଳଦ ଦୁଇଟାଙ୍କୁ ବି ନିସ୍ତାର ମିଳିଯିବ | ତା'କୁ ଗୋଶାଳା ପଠାଇବା ବ୍ୟବସ୍ଥା କରିବାକୁ ମଧ ସାନଭାଇକୁ କହିଲେ | ସାନଭାଇ ଯୁକ୍ତି କରୁଥିଲା, 'ଭାଇ ଗାଁରେ ଚାରିବଖରା ଦୋକାନ ଘର କରି ଭଡ଼ା ଲଗେଇ ଦେଇଚି | ଟ୍ରାକ୍ଟର, ପାଣି ପମ୍ପର ବି ବହୁତ ଡିମାଣ୍ଡ ଗାଁରେ | ଅବସର ପରେ ତମେ ଖାଲି ବସି ପଇସା ଗଣିବା କଥା | ତା'ଛଡ଼ା ବଳଦ ଦୁଇଟା ହୃଷ୍ଟପୁଷ୍ଟ ଅଛନ୍ତି | ଗୋଶାଳା ନ ପଠାଇ ତାଙ୍କୁ ବିକିଦେଲେ ଭଲ ପଇସା ମିଳିଯିବ |'

ସାନଭାଇର କୌଣସି କଥାର ଉତ୍ତର ଦେଇନଥିଲେ ସେ କିମ୍ବା ନିଜ ଭବିଷ୍ୟତ ବ୍ୟବସ୍ଥା କଥା ବି କହିନଥିଲେ | ପରଦିନ ସକାଳୁ ସକାଳୁ ଗେଷ୍ଟ ହାଉସରେ ପହଞ୍ଚିଲେ ସେ | ମାଧବନ୍ ସାରଙ୍କୁ ଦେଖାକରି ମିଠା ପ୍ୟାକେଟ୍ ଟାଏ ଟେବୁଲ୍ ଉପରେ ଥୋଇଲେ |

'ଆସନ୍ତୁ, ସୁକାନ୍ତ ବାବୁ | କେମିତି ଅଛନ୍ତି ? ପ୍ରଧାନବାବୁଙ୍କୁ ମୁଁ ଆପଣଙ୍କ କଥା ପଚାରୁଥିଲି | ବସନ୍ତୁ |'

କିଛି ଟା ଅଫିସିଆଲ୍ ଓ ପର୍ସନାଲ୍ କଥାପରେ ସୁକାନ୍ତ ବାବୁ ଅତି ସନ୍ତର୍ପଣରେ କହିଲେ, 'ସାର୍ ଗୋଟିଏ କଥା କହିବାର ଅଛି | ସାନ ପୁଅଟା ବର୍ଷେ ହେଲାଣି କମ୍ପ୍ୟୁଟର୍ ଇଞ୍ଜିନିୟରିଂ ପାସ୍ କରି ଘରେ ଅଛି | ଆପଣ ଦୟାକଲେ କୂଳକୁ ଲାଗିଯାଆନ୍ତା | ବହୁତ ଭଲ ଛାତ୍ର ସେ | ଭାଗ୍ୟ ଖରାପରୁ ସେ କ୍ୟାମ୍ପସ ପାଇଲାନି |' ସାନ ପୁଅର ବାୟୋଡ଼ାଟା ଟା ଆଗକୁ ବଢ଼େଇ ଦେଇ ସେ କହିଲେ |

ଭଲକରି ବାୟୋଡ଼ାଟା ଉପରେ ନଜର ବୁଲେଇ ଆଣିଲେ ମାଧବନ୍ | ସିଗାରେଟ୍ ପାଉଁଶ ଆସ୍ ଟ୍ରେରେ ଝାଡୁ ଝାଡୁ କହିଲେ, 'ସୁକାନ୍ତବାବୁ, କିଛି ମନେ କରିବନି | ଫ୍ରେସରଙ୍କ ପାଇଁ କିଛି ପୋଷ୍ଟ୍ ନାହିଁ ମୋ ହାତରେ | ହେଲେ ତମ ପରି ଦକ୍ଷ ଓ ଓସ୍ତାଦ୍ ଲୋକଙ୍କ ପାଇଁ ମୋ ଦ୍ବାର ଖୋଲା | ଛଅ ମାସ ପରେ ତମେ ଅବସର ନେଉଛ ବୋଲି ମୁଁ ଖବର ରଖିଛି, ତା'ପରେ ତମେ ମୋ କମ୍ପାନୀରେ ଆସି ଯୋଗଦାନ କର | ଭଲ ଦରମା ପାଇବ | ଏତିକି ବିଶ୍ବାସ ରଖ ମୋ'ଠାରେ | ସେଇଥିପାଇଁ ମୁଁ ତୁମକୁ ଖୋଜୁଥିଲି | ଯଦି ଅବସର ପରେ ଅନ୍ୟ କେଉଁଠି ଜଏନ୍ କରିବା କଥା ଚିନ୍ତା କରୁଥାଅ, ତେବେ ଭୁଲିଯାଅ | ତୁମେ କେବଳ ମୋ କମ୍ପାନୀରେ ହିଁ କାମ କରିବ |

ମାଧବନଙ୍କୁ ଧନ୍ୟବାଦ ଦେଇ ଓ ସମ୍ମତି ଜଣେଇ ଉଠିଲେ ସୁକାନ୍ତ | ସେଠାରୁ ସିଧା ଚାଲିଲେ ଗାଁକୁ | ୩ ଘଣ୍ଟାର ରାସ୍ତା | ଗାଁରେ ପହଞ୍ଚିବାପରେ ଖାଇ ସାରି ଛାତ ଉପରେ ଗଡ଼ିପଡ଼ିଥିଲେ ସେ | ସାନଭାଇ ପାଖରେ ବସି ସବୁ ଭଲମନ୍ଦ ଶୁଣାଉଥିଲା ହେଲେ ସୁକାନ୍ତ ଥିଲେ ଅନ୍ୟ ଏକ ଚିନ୍ତାରେ |

କିଛି ସମୟରେ ବିଶ୍ରାମପରେ ସେ ତଳକୁ ଓହ୍ଲାଇ ଆସି ବାଡ଼ିକୁ ଗଲେ | ସାନଭାଇ ପଛେ ପଛେ | ଗୁହାଳ ପାଖରେ ଆସି ଅଟକି ଗଲେ | ଖୁଣ୍ଟରେ ବନ୍ଧା ହୋଇଛନ୍ତି ଦୁଇଟା ବଳଦ | ଆଜି ସେ ବଳଦ ଦୁଇଟା କାହିଁକି କେଜାଣି ବହୁତ ହୃଷ୍ଟପୁଷ୍ଟ ଦେଖା ଯାଉଥିଲେ | ପଛ ଆଡୁ ସାନ ଭାଇ କହୁଥିଲା, 'ଭାଇ ଦେଖ, କେମିତି ଖାଇପିଇ ଅଛନ୍ତି, କାହିଁକି ଗୋଶାଳା ପଠେଇବ ?'

'ହଁ, ତୁ ଠିକ୍ କହୁଛୁ | ଏମାନଙ୍କ ଦେହରେ ଆହୁରି ଢେର୍ ବଳ ଅଛି | ଗୋଶାଳା ପଠେଇବା ଦରକାର୍ ନାହିଁ | ଜମିଜମା ବିକିବା ବି ଦରକାର ନାହିଁ | ଆହୁରି କିଛି ବର୍ଷ ହଳ କରିବେ ଏମାନେ | ଏମାନେ ଏତେ ଶୀଘ୍ର ରିଟାୟାର୍ କରିବେନି | ମୁଁ ଯଦି ପାରିବି, ଏମାନେ କ'ଣ ପାରିବେନି ?'

ସାନଭାଇ କିଛି ବୁଝିନପାରି ବଲ ବଲ ହୋଇ ଚାହିଁ ରହିଥିଲା ସୁକାନ୍ତଙ୍କ ମୁହଁକୁ | ବଳଦ ଦୁଇଟା ନଡ଼ାଗୁଡ଼ିକୁ ପାକୁଳେଇ ଗେଲ ହେଉଥିଲେ ସୁକାନ୍ତଙ୍କ ପାଖରେ |

# ବ୍ୟବହାରିକ ଜୀବନରେ ଧର୍ମର ଭୂମିକା



ବାଲ୍ମୀକି ନାୟକ

ମଣିଷ ଜୀବନରେ କର୍ମ କରିବା ପିଲାଟି ଦିନରୁ ଆରମ୍ଭ ହୋଇଯାଏ କିନ୍ତୁ କର୍ତ୍ତବ୍ୟର ବୋଝ ବୋହିବା ଆରମ୍ଭ ହୁଏ କିଛି ବୟସ୍କ ହେବାପରେ | ବୟସ ବଢ଼ିବା ସହିତ କର୍ତ୍ତବ୍ୟର ବୋଝ ବି ବଢ଼ି ବଢ଼ି ଯାଏ | କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ପ୍ରତ୍ୟେକ ମଣିଷ କର୍ମ କରିବାକୁ ବାଧ ହୁଏ | ପ୍ରଥମେ ପାଠ ପଢ଼ିବା କିମ୍ବା ତାଲିମ ନେବାର କର୍ତ୍ତବ୍ୟ, ଦ୍ବିତୀୟ ପର୍ଯ୍ୟାୟରେ ଚାକିରୀ କିମ୍ବା ବ୍ୟବସାୟ କରି ଧନ ରୋଜଗାର କରିବା କର୍ତ୍ତବ୍ୟ, ତୃତୀୟ ପର୍ଯ୍ୟାୟରେ ନିଜର ଓ ପରିବାରର ସୁରକ୍ଷା କରିବା ପାଇଁ କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ମଣିଷକୁ ଶାରୀରିକ ଏବଂ ମାନସିକ ସ୍ତରରେ କଠିନ ପରିଶ୍ରମ କରିବାକୁ ପଡ଼ିଥାଏ | ଏହା ସହିତ ମଣିଷ ପାଇଁ ଅନ୍ୟ ଏକ ଗୁରୁତ୍ତ୍ୱପୂର୍ଣ୍ଣ କର୍ତ୍ତବ୍ୟ ହେଉଛି, ସାମାଜିକ କର୍ତ୍ତବ୍ୟ | ଅର୍ଥାତ 'ମୁଁ ମୋର ସୁଖ, ଶାନ୍ତି ଓ ସୁବିଧା ପାଇଁ ଅନ୍ୟ ମାନଙ୍କଠାରୁ ଯେଉଁ କର୍ତ୍ତବ୍ୟ ଓ ବ୍ୟବହାର ଆଶା କରୁଛି, ଠିକ୍ ସେହି କର୍ତ୍ତବ୍ୟ ଓ ବ୍ୟବହାର ମୁଁ ବି ଅନ୍ୟମାନଙ୍କ ସୁଖ, ଶାନ୍ତି ଓ ସୁବିଧା ପାଇଁ କରିବି |' ଏଥିରେ କୌଣସି ଗମ୍ଭୀର ଜୀବନଦର୍ଶନ ନାହିଁ | ଗୋଟିଏ ସାଧାରଣ କଥା ବୁଝାପଡୁଛି – 'ଗୋଟିଏ ହାତରେ ଦିଅ ଏବଂ ଅନ୍ୟ ହାତରେ ନିଅ |' ନ୍ୟୁଟନଙ୍କ ତୃତୀୟ ନିୟମ କହୁଛି – 'ପ୍ରତ୍ୟେକ କ୍ରିୟାର ସମାନ ଏବଂ ବିପରୀତ ପ୍ରତିକ୍ରିୟା ରହିଛି |' ଏହି ନିୟମ ଅନୁସାରେ ମନୁଷ୍ୟ ସମାଜ ବି ନିୟନ୍ତ୍ରିତ ହୋଇଥାଏ | ମଣିଷ ଜାତିରେ ପରସ୍ପରଙ୍କ ଦୁଃଖରେ ଦୁଃଖୀହେବା, ସୁଖରେ ଖୁସି ହେବା ଏବଂ ଅସମୟରେ ସାହାଯ୍ୟ କରିବା ଗୁଣ ଗୁଡ଼ିକ ହେଉଛି ମଣିଷର ଜନ୍ମଗତ ସୁପ୍ରବୃତ୍ତି | ଏହାର ବିପରୀତ କିଛି ମଣିଷଙ୍କ ଜନ୍ମଗତ କୁପ୍ରବୃତ୍ତି ହେଉଛି – ଅନ୍ୟର ଦୁଃଖ ଦେଖି ଖୁସି ହେବା, ଅନ୍ୟର ଖୁସି ଦେଖି ଈର୍ଷ୍ୟା କରିବା, ଅନ୍ୟର ଅସମୟରେ ବାହାନା କରି ଖସିଯିବା ଇତ୍ୟାଦି | ଉଭୟ ପ୍ରକାର ଜନ୍ମଗତ ପ୍ରବୃତ୍ତି ନେଇ ଏ ସଂସାରର ଜନ ସମାଜ ଚାଲିଛି | ଏହି ସଂସାରର ଭଲ ଲୋକଙ୍କ ସଂଖ୍ୟା ବେଶୀ ନା ମନ୍ଦ ଲୋକଙ୍କ ସଂଖ୍ୟା ବେଶୀ ଜାଣିବା ପାଇଁ ଗବେଷଣା କରିବା ସହଜ ନୁହେଁ | ଏହାର ଆବଶ୍ୟକତା ବି ନାହିଁ | ଗଣନା ସଂଖ୍ୟାର ଆକଳନ ପ୍ରତ୍ୟେକ ଥର ଭୁଲ ହେବ କାରଣ ମାନବ ପ୍ରବୃତ୍ତି ବି ପରିବର୍ତ୍ତନଶୀଳ | ଆଜିର ଭଲ ଲୋକଟି କାଲି ମନ୍ଦ କର୍ମ କରିପାରେ

ଏବଂ ଗତକାଲିର ମନ୍ଦଲୋକଟି ଆଜି ଭଲ କାମ କରିପାରେ | ମଣିଷର କର୍ତ୍ତବ୍ୟ, ଦାୟିତ୍ବ ଏବଂ କର୍ମ କ'ଣ ହେବା ଉଚିତ ଏବଂ କ'ଣ ନ ହେବା ଉଚିତ ଏହାର ନୀତି ନିର୍ଦ୍ଧାରଣ ସମାଜର ବୁଦ୍ଧିଜୀବିମାନେ ବିଚାର, ବିମର୍ଷ କରି କରିଥାନ୍ତି | ସମୟର ଆବଶ୍ୟକତା ଅନୁସାରେ ବିକଶିତ ମାନବ ସମାଜର ସାମୁହିକ ମଙ୍ଗଳପାଇଁ ପୂର୍ବ ନିର୍ଦ୍ଧାରିତ ନୀତିନିୟମରେ ବି ପରିବର୍ତ୍ତନ କରାଯାଇଥାଏ | ଏହା ହେଉଛି ଲୌକିକ ଜଗତର ଏକ ସର୍ବମାନ୍ୟ ଜୀବନଶୈଳୀ |

ଉପରୋକ୍ତ ଜୀବନଶୈଳୀରେ ତଥାକଥିତ ଈଶ୍ବର ଓ ଧର୍ମର ପ୍ରଭାବ ରହୁଥିବା ଅନୁଭୂତ ହେଉନାହିଁ | ତଥାପି ଧର୍ମ ଆମର ବ୍ୟବହାରିକ ଜୀବନର ଏକ ମହତ୍ତ୍ବପୂର୍ଣ୍ଣ ମାର୍ଗ | ଧର୍ମ କେବଳ ଏକ ବିଶ୍ବାସ ତନ୍ତ୍ର ନୁହେଁ ବରଂ ମୋକ୍ଷ ପ୍ରାପ୍ତି କରିବାର ଏକ ତୀବ୍ରତମ ବାଞ୍ଛିତ ମାର୍ଗ | ଆମର ବ୍ୟବହାରିକ ଜୀବନରେ କର୍ତ୍ତବ୍ୟ ସମ୍ପାଦନକୁ ହିଁ ଧର୍ମ ବୋଲି ଏକ ଅବଧାରଣା ସୃଷ୍ଟି କରାଯାଇଛି | ଏଥିରେ ବି କୌଣସି ଆପତ୍ତି ନାହିଁ | ଧର୍ମକୁ ଯେତେବେଳେ ଈଶ୍ବର, ଆତ୍ମା ପରମାତ୍ମା, ପରମବ୍ରହ୍ମ, ପୁନର୍ଜନ୍ମ, ସ୍ବର୍ଗ, ମୋକ୍ଷ ଆଦି ପାରଲୌକିକ କର୍ମକାଣ୍ଡ ସହିତ ଯୋଡ଼ି ଦିଆଯାଉଛି, ସେତିକିବେଳେ ମନରେ ଅନେକ ଦ୍ବନ୍ଦ ସୃଷ୍ଟି ହେଉଛି, ମନରେ ଅନେକ ପ୍ରଶ୍ନ ବି ଉଠୁଛି | ପ୍ରଶ୍ନ ଗୁଡ଼ିକର ମନ ବୁଝିବାଭଳି ଉତ୍ତର ପାଇବା ପାଇଁ ତର୍କ ଦର୍ଶନର ସାହାଯ୍ୟ ନେବାକୁ ପଡୁଛି |

ଆଧ୍ୟାତ୍ମିକ ମାର୍ଗରେ ଅନେକ କର୍ମକାଣ୍ଡ ଭରି ରହିଛି | ମଣିଷର ଜନ୍ମ, ଶିଶୁର ନାମକରଣ, ଶିଶୁର ଅନ୍ନପ୍ରାସନ, ଶିଶୁର ଶିକ୍ଷା ଗ୍ରହଣ, ଯୁବକ ବୟସରେ ଦୀକ୍ଷା ଗ୍ରହଣ, ବିବାହ ସମାରୋହ, ଗୃହ ପ୍ରବେଶ, ମୃତ୍ୟୁ ପରେ ଶବଦାହ ଠାରୁ ଆରମ୍ଭ କରି ଶୁଦ୍ଧିକ୍ରିୟା ପର୍ଯ୍ୟନ୍ତ ଧର୍ମର ପ୍ରଭାବ ଅନୁଭୂତ ହେଉଛି | କର୍ମକାଣ୍ଡର ଲମ୍ବାଚଉଡ଼ା ବିଧାନ ଭିତରେ ପୂଜା, ପ୍ରାର୍ଥନା, ବ୍ରତ, ଉପବାସ, ଦେବଦେବୀଙ୍କୁ ମୂଲ୍ୟବାନ ବସ୍ତ୍ର ଓ ଆଭୂଷଣରେ ସଜାଇବା, ତୀର୍ଥଯାତ୍ରା କରିବା, ପବିତ୍ର ନଦୀ ଅଥବା ପୁଷ୍କରିଣୀରେ ସ୍ନାନ କରିବା ପବିତ୍ର କୁହାଯାଉଥିବା ଦିନ ତଥା ତିଥିମାନଙ୍କରେ ବିଧିପୂର୍ବକ ଜୀବନଯାପନ କରିବା, ପ୍ରତ୍ୟେକ

ଧାର୍ମିକ ଅବସରରେ ପୂଜାରୀ ଓ ପୁରୋହିତ ମାନଙ୍କୁ ଦାନ ଦକ୍ଷିଣା ଦେବା ଏବଂ ପରିଶେଷରେ ଏ ସବୁ କର୍ମକାଣ୍ଡର ଔଚିତ୍ୟ ଉପରେ କୌଣସି ପ୍ରଶ୍ନ କିମ୍ବା ସନ୍ଦେହ ନ କରିବା ହେଉଛି ଧର୍ମର ବିଶେଷତ୍ବ | ସମସ୍ତ ପ୍ରକାର କର୍ମକାଣ୍ଡ କରିମଧ୍ୟ ଯଦି କେହି ପ୍ରଶ୍ନ ପଚାରିବ – 'ମୋତେ ଏହାର ସୁଫଳ ମିଳିବ କି ନାହିଁ?' ତେବେ 'ବାର ବର୍ଷର ତପସ୍ୟା ଶୁଖୁଆ ପୋଡ଼ାରେ ଗଲା' ବୋଲି କୁହାଯାଏ | ଅର୍ଥାତ ସମୟ ଓ ଶକ୍ତି ବ୍ୟୟ କରି ଯେତେ ପୂଜାପାଠ କରିଥିଲ, ସବୁ ପଣ୍ଡ ହୋଇଗଲା | ପୁଣିଥରେ ମୂଳରୁ ଆରମ୍ଭ କର |

ଲୌକିକ ଜଗତରେ ଏଭଳି ବିରୁଦ୍ଧାଚରଣ ଦେଖାଯାଏ ନାହିଁ | ଉଦାହରଣ ଦେଖନ୍ତୁ | ଗୋଟିଏ କୃଷକ ତା ଜମିରୁ ଫସଲ ଉତ୍ପାଦନ କରିବା ପାଇଁ ପ୍ରଥମେ ଚାଷ କରିବ, ବିହନ ବୁଣିବ, ସାର ପ୍ରୟୋଗ କରିବ, ଠିକ୍ ସମୟରେ ଜଳସେଚନ କରିବ, କୀଟପତଙ୍ଗ ଓ ପଶୁମାନଙ୍କ ଠାରୁ ରକ୍ଷା କରିବ | ଏତେ ସବୁ କାମ କରୁଥିବା ବେଳେ ତା ମନରେ ବେଳେ ବେଳେ ପ୍ରଶ୍ନ ଉଠୁଥିବ, ଶେଷରେ ମୁଁ ଆଶା କରୁଥିବା ପରିମାଣର ଫସଲ ପାଇବି ତ ? ତା ମନର ଏ ସନ୍ଦେହ ଯୋଗୁଁ କଣ ସେ ଆଦୌ ଫସଲ ପାଇବା ନାହିଁ? ଏମିତି କେବେ ହୁଏ କି ? ସେ ହୁଏତ ଆଶା କରୁଥିବା ପରିମାଣରୁ କମ ପାଇପାରେ, ଆଧ୍ୟାତ୍ମିକ କର୍ମରେ ସନ୍ଦେହ ଉପୁଜିଲେ ସବୁକିଛି ଶୂନ୍ୟ ହୋଇଯିବାର କାରଣ କଣ? କାରଣଟି ଦିବାଲୋକ ଭଳି ଅତି ସ୍ପଷ୍ଟ | ଏହା ହେଉଛି ଧାର୍ମିକ ବ୍ୟବସାୟ ସଂଗଠନର ଏକ ଭ୍ରାମକ ପ୍ରଚାର | ଧର୍ମଭୀରୁ ଭକ୍ତମାନେ ଆରମ୍ଭରୁ ପୁଣିଥରେ ପୂଜାପାଠ କରି ଦାନ ଦକ୍ଷିଣା ଦେଲେ ପୂଜାରୀ ମାନଙ୍କର ଦୋହରା ଲାଭ ନିଶ୍ଚିତ |

ଏଠି ହେତୁବାଦୀ ପ୍ରଶ୍ନଟିଏ ବି ମନରେ ଉଠୁଛି | ଯଦି ଭକ୍ତ ତା'ର ଇଷ୍ଟ ଦେବତାଙ୍କୁ ବିଧିବିଧାନ ସହ ପୂଜା ଅର୍ଚ୍ଚନା କରି ସାରିଛି, ତେବେ ଇଷ୍ଟ ଦେବତା ସୁଫଳ ନ ଦେବେ କାହିଁକି ? ଭକ୍ତଙ୍କ ମନରେ ସନ୍ଦେହ ଉପୁଜିବାର କାରଣ – ସେ ଅନେକ ସମୟରେ ନିରାଶ ହୋଇଛନ୍ତି |

ଧାର୍ମିକ କର୍ମକାଣ୍ଡକୁ ବିଧିବଦ୍ଧ ଭାବେ ପାଳନ କରିବାପାଇଁ ଯେଉଁ ସମୟ, ଶକ୍ତି

ଆବଶ୍ୟକ ସେଇ ସମୟ ଓ ଶକ୍ତି ବ୍ୟୟ କରିବାପାଇଁ ଗୋଟିଏ ଗୃହସ୍ଥଧର୍ମୀ ମଣିଷ ପାଖରେ ସମ୍ଭବ କି ? ଲୌକିକ ଜଗତର କର୍ତ୍ତବ୍ୟକୁ ସୁଚାରୁ ରୂପରେ ସମ୍ପାଦନ କରିବାପାଇଁ ମଣିଷ କାର୍ଯ୍ୟବ୍ୟସ୍ତ ରହିବାକୁ ବାଧ ହୁଏ | ସେହି ବ୍ୟସ୍ତ ସମୟ ମଧ୍ୟରେ ସମୟ ବାହାର କରି ଧାର୍ମିକ କର୍ମକାଣ୍ଡ ନ କରିପାରିଲେ ସେ ନିଜକୁ ଅପରାଧୀ ମନେକରେ | ଯେଉଁମାନେ ସଂସାରତ୍ୟାଗୀ, ସନ୍ନ୍ୟାସୀ ବା ସାଧୁ ହୋଇ ମଠରେ ଖାଇ ଖଟରେ ଶୁଅନ୍ତି, ସେମାନଙ୍କ ପାଇଁ ଧାର୍ମିକ ବା ଆଧ୍ୟାତ୍ମିକ କର୍ମକାଣ୍ଡ କରିବାକୁ, ଯଥେଷ୍ଟ ସମୟ ମିଳିଥାଏ | କାରଣ ସେମାନଙ୍କ ଖାଇବା, ପିଇବା, ପିନ୍ଧିବା ରହିବା ସମସ୍ତ ବ୍ୟବସ୍ଥା ଓ ମୌଳିକ ଆବଶ୍ୟକୀୟ ବସ୍ତୁ କର୍ମବ୍ୟସ୍ତ ମଣିଷମାନେ ହିଁ ଯୋଗାଡ଼ କରି ଦିଅନ୍ତି | ଆଉ କେତେକ ସଂସାର ଭିତରେ ଗୃହସ୍ଥ ଜୀବନଯାପନ କରୁଥିଲେ ବି ନିଜକୁ ଈଶ୍ବରଙ୍କ ବରପୁତ୍ର, ଦେବଦୂତ କିମ୍ବା ଦୈବୀଶକ୍ତି ସମ୍ପର୍ନ୍ନ ବୋଲି ଦାବୀ କରିଥାନ୍ତି | ନିଜର ଅଦ୍ଭୁତ ବେଶଭୂଷା, ଓ ବାକ୍ ଚାତୁରୀ ଦ୍ବାରା ସେମାନେ ଲୋକମାନଙ୍କୁ ପ୍ରଭାବିତ କରିଥାନ୍ତି | ସେମାନେ ପ୍ରକୃତରେ ଶ୍ରମକାତର, କର୍ମଭୀରୁ, ଶଠ ଓ ଧୂର୍ତ୍ତ ପ୍ରକୃତିର ଲୋକ | ଛଳନା, ପ୍ରବଞ୍ଚନା, ଠକାମୀ ହେଉଛି ସେମାନଙ୍କର ଅସଲ ଧନ୍ଦା | ତନ୍ତ୍ର, ମନ୍ତ୍ର, ଜ୍ୟୋତିଷ, ବାସ୍ତୁଶାସ୍ତ୍ର, ଗୁଣିଗାରେଡ଼ି, ଚମତ୍କାରୀ ବିଦ୍ୟା ଆଦି ଅବୈଜ୍ଞାନିକ ପାଠ ସାହାଯ୍ୟରେ ଜନ ସାଧାରଣଙ୍କୁ ପ୍ରଭାବିତ କରିଥାନ୍ତି | (ଉପରୋକ୍ତ ସମସ୍ତ ବିଦ୍ୟାର ସତ୍ୟତା ପ୍ରତିପାଦନ କରିବା ପାଇଁ ହେତୁବାଦୀମାନଙ୍କ ଆହ୍ବାନକୁ ଆଜି ପର୍ଯ୍ୟନ୍ତ ଦୁନିଆର କୌଣସି ବ୍ୟକ୍ତି କିମ୍ବା ସଂଗଠନ ସ୍ବୀକାର କରିନାହାନ୍ତି | ଏଥିରୁ ପ୍ରମାଣିତ ହେଉଛି ଯେ, ସେ ଗୁଡ଼ିକ ସବୁ ଭିତ୍ତିହୀନ ବିଶ୍ବାସ ଉପରେ ହିଁ ପର୍ଯ୍ୟବସିତ | କିନ୍ତୁ ସତ୍ୟ ନୁହେଁ |)

ତଥାକଥିତ ବାବା, ଧର୍ମଗୁରୁ, ଗୁଣିଆ, ଜ୍ୟୋତିଷ ଆଦିଙ୍କ କଥାରେ ବିଶାସ କରି ଯେଉଁ ବ୍ୟକ୍ତି ନିଜର ଅମୂଲ୍ୟ ସମୟ, ଝାଳବୁହା ଧନ ଓ ଇଜ୍ଜତ (ମହିଳା ଭକ୍ତ) ହରେଇଥାନ୍ତି | ସେମାନେ କିଛି ନ ପାଇଲେ ବି ଅଭିଯୋଗ କରିବାର ଉପାୟ ନାହିଁ | କାରଣ ଅଭିଯୋଗ କରିବାର ସମସ୍ତ ସର୍ତ୍ତ ଧର୍ମଗୁରୁମାନେ କହିସାରିଛନ୍ତି | 'ତୁମର ପୂର୍ବଜନ୍ମର କର୍ମ ଓ

ଭାଗ୍ୟଲିଖନ ହିଁ ଏହି ଜନ୍ମରେ ଫଳିବ ।' ମୁଁ ତ ନିମିତ୍ତ ମାତ୍ର । ତୁମ ମନରେ କେତେ ଭକ୍ତି ଓ ବିଶ୍ବାସ ଅଛି, ତୁମେ କେତେ ନିଷ୍ଠାର ସହ ଧାର୍ମିକ କର୍ମକାଣ୍ଡ ସମ୍ପାଦନ କରିଛ, ସେହି ଅନୁସାରେ ତୁମେ ବାଞ୍ଛିତ ଫଳ ବି ପାଇବ । ଏହି ଭଳି ତର୍କଦେଇ ସର୍ତ୍ତ ରଖି ଠକୁଥିବା ବ୍ୟକ୍ତିଙ୍କୁ ଆପଣ କେଉଁ ଅଦାଲତରେ ଦୋଷୀ ପ୍ରମାଣିତ କରିପାରିବେ ?

ଏଇଠି ପ୍ରଶ୍ନ ଉଠୁଛି, କର୍ତ୍ତବ୍ୟ ଯଦି ଧର୍ମ, ତେବେ ସଚ୍ଚୋଟ ଭାବେ ଉଚିତ କର୍ତ୍ତବ୍ୟ ନିର୍ବାହ କରୁଥିବା ବ୍ୟକ୍ତି ପୂଜାପାଠ ନ କଲେ ଅଧର୍ମ ହେବ କାହିଁକି ? ଦ୍ବିତୀୟ ପ୍ରଶ୍ନ – ଧର୍ମିକ କର୍ମକାଣ୍ଡ ଯଦି ଅସଲ ଧର୍ମ ତେବେ ସାଂସାରିକ କର୍ତ୍ତବ୍ୟ କରିବା କ'ଣ ଆବଶ୍ୟକ ?

ବ୍ୟବହାରିକ ଜଗତରେ ଯେଉଁ ନିରୀଶ୍ବରବାଦୀ, ବୁଦ୍ଧିଜୀବି, କର୍ମଠ ଏବଂ ମାନବତାବାଦୀ ବ୍ୟକ୍ତି ଉତ୍ତମ କର୍ତ୍ତବ୍ୟ କରି ସମାଜର ମଙ୍ଗଳ ସାଧନ କରୁଛନ୍ତି, ସେମାନେ କଣ ଧାର୍ମିକ ନୁହନ୍ତି ?

# ସତ କୁହ



ଭାଗିରଥୀ ବେହେରା

ସତ କୁହ...
ମିଛ ଲାଗୁଛି କି
ମୋ ଭଲ ପାଇବା
ମୋ ଆପଣାର ଭାବ
ଆଉ ନିଜର କରି
କୋଳେଇ ନେବା □୧□

ସତ କୁହ...
ତମେ କି ଚାହିଁନ
ତମକୁ ମନେ ପକାଇବା
ମୋ ହୃଦୟର କଥା
ଆଉ ଚୋରା ପୀରତିର
ଛାତିଥରା କେମିତି କା □୨□

ସତ କୁହ...
ସ୍ବପ୍ନ ଲାଗୁଛି କି
ତମକୁ ଝୁରିହେବା
ମୋ ମଧୁର ବ୍ୟଥା
ଆଉ ସେ ସ୍ବପ୍ନରେ
ତମକୁ ଦେଖିବା □୩□

ସତ କୁହ...
ତୁମ ବିନା କେମିତି
ନଥିବା ମରିବା
ତମେ ତ ମୋର ସାରା ସଂସାର
ତମ ବିନା ସଂସାର ଯେ
ଆଉ କେମିତି କା □୪□

ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

# ମୋତେ ନ୍ୟାୟ ମିଳୁ



ଅନିଲ କୁମାର ସେଠୀ

**( ଦିଲ୍ଲୀ ଗଣଦୁଷ୍କର୍ମ ଉପରେ ଆଧାରିତ)**

ବଞ୍ଚିବାକୁ ଚାହିଁଥିଲି ସ୍ୱାଧିନ ଭାବେ ଏଇ ସମାଜରେ
ପୁରା କରିବାକୁ ଚାହିଁଥିଲି ସପନ ସବୁ ଯେତେ ଥିଲା ଏ ମନରେ
ହେଲେ ତୁମେ ମାନେ କାହିଁକି ଭାଙ୍ଗିଦେଲ ମୋର ସପନ ସବୁ
ଫୁଲ ଫୁଟିବା ଆଗରୁ ଦଳିଦେଇଗଲ ତାକୁ ପାଦରେ ||

ଜଣକ ପରେ ଜଣେ ଡେଇଁ ପଡୁଥାଅ
ଯେମିତି ମୁଁ ଏକ ଉପଭୋଗ୍ୟର ବସ୍ତୁପରି
ନିଜ ଦେହର ଭୋକ ମେଣ୍ଟାଇବା ପାଇଁ
ଯେମିତି ହେଉଥାଅ ଭୋକିଲା ଶୃଗାଳ ପରି ||

କେତେ ଆକୁଳ ନିବେଦନ କରିଛି ତୁମରି ପାଖରେ
କେତେ କରୁଣ ଚିତ୍କାର କରିଛି ମୁଁ ସେହି ଅନ୍ଧାରରେ
ହେଲେ ତୁମେ ନିର୍ଦ୍ଦୟ ନିଜର କାମନା ସାଧନା ପରେ
ଠେଲି ଦେଇଗଲ ମୋତେ ସେଇ ରାଜରାସ୍ତାରେ ||

କଣ ମଣିଷ ଆଜି ଏତେ କଦାକାର ହୋଇଯାଇଛି
ପାପ ପୁର୍ନ୍ୟ ଦୂରେ ଥାଉ, ନିଜର ଆତ୍ମୀୟତାକୁ ସେ ଭୁଲିଯାଇଛି
କଣ ଝିଅ ହୋଇ ଜନମିବା ଅଭିଶାପ,ସ୍ୱାଧୀନ ଭାବେ ବଞ୍ଚିପାରିବନି ଏଇ ସମାଜରେ
କଣ ନାରୀ ସେହି ଅବଳା ଦୁର୍ବଳା ହୋଇ ରହିଯିବ ଏମାନଙ୍କ ଡରରେ

ମୋର ଅର୍ଥ ସମ୍ମାନ ଲୋଡା ନାହିଁ କିଛି
ଚାହିଁଛି ଆଜି, ନ୍ୟାୟ କେବେ ମିଳିବ
ନାରୀ ମିଳୁ ସମ୍ମାନ, ବଞ୍ଚୁ ସେ ଏଠି ନିଜ ଇଚ୍ଛାରେ
ତେବେ ଯାଇଁ ଆତ୍ମା ମୋର ଶାନ୍ତି ପାଇବ ||

# ତୁମେ କ'ଣ ଜାଣନା ?



ସିଲୁ ବେହେରା

ମନା କରିବାର ଦୁଃଖ ମୁ ଜାଣିଛି
କେମିତି କରିବି ମନା
ଭଲପାଇବାରେ କେତେଯେ ଯନ୍ତ୍ରଣା
ତାହା କ'ଣ ତୁମେ ଜାଣନା ?

ମନାକରିଦେଲେ ଭାଙ୍ଗିଯିବ ମନ
କେମିତି କରିବି ମନା
ମନ ଭାଙ୍ଗିଗଲେ ଯୋଡିହୁଏନାହିଁ
ତାହା କ'ଣ ତୁମେ ଜାଣନା ?

ଭଲପାଅ ବୋଲି କହିଦେଲ ତୁମେ
ସହଜରେ ଆଜି ସିନା
ଭଲପାଇବା ତ ପ୍ରତାରଣା ଏଠି
ତାହା କ'ଣ ତୁମେ ଜାଣନା ?

ଭଲପାଇବା ତ ପବିତ୍ର ବନ୍ଧନ
ଜାଣିଅଛ ତୁମେ ସିନା
ଭଲପାଇବାରେ କେତେଯେ ଛଳନା
ତାହା କ'ଣ ତୁମେ ଜାଣନା ?

ଭଲପାଇବାର ବୃକ୍ଷ ସବୁ ଏଠି
ଶସ୍ୟଭରା ସବୁଜିମା
ପ୍ରତି ମୁହୂର୍ତ୍ତରେ ପତ୍ରଝଡା ଦିଏ
ତାହା କ'ଣ ତୁମେ ଜାଣନା ?

ଭଲପାଇବାର ବାଲିଘର ତୁମେ
ଗଢିଦେଲ ସାଥି ସିନା
ସାଗର ଭାଙ୍ଗିଦେବ ପ୍ରତିଢେଉରେ
ତାହା କ'ଣ ତୁମେ ଜାଣନା ?

# ନିଶା



ଗିରୀଶ ଚନ୍ଦ୍ର ପଣ୍ଡା

ପିଆଲା ଛୁଇଁନି ମୋ ଓଠ
ନା ଡେଇଁଛି ମଧୁସାଳା ଚୌକାଠ,
ତଥାପିବି ମତୁଆଲା ରଙ୍ଗୀନ ନିଶାରେ
ଅମରୁଳା ଫଳ ଖାଇ ହାତି ଝୁଲୁଥିଲା ପରି
ଝୁଲୁଥିଲି ତୁମ କୋଳ ଝୁଲଣାରେ ।

କବରୀ ବାସ୍ନାରେ ତୁମ ବିଭୋରିତ ହୋଇ
ଆଖି ମୁଦି ପିଇ ଥିଲି ତୁମରି ଓଠର ମଧୁ ଅସରନ୍ତି
ଅଭଙ୍ଗ ନିଶାରେ ଲଟପଟ୍ ମଦମତ୍ତ ପରି
ନିଶାଶକ୍ତ ମଧୁପ ମୁଁ ତୁମ ଓଠ ଗୋଲାପଟି ପାଇଁ ।

ଦିନ ସରୁ ରାତି ସରୁ, ସରୁ ପଛେ ଯୁଗ ଯୁଗାନ୍ତର
ନ ସରୁ ଏ ନିଶା କେବେ ତୁମ ସାଥେ ଜୀବନ ଚକ୍ରର ।
ଯଦି କେବେ ନିଶା କମେ ସମୟର ଅବୁଝା ବିନ୍ଦୁରେ
ଭରିଦିଅ ମୋ ପିଆଲା ତୁମ ଉଷ୍ଣ ଅଧର ସୁରାରେ
ହୁଏଁ ପଛେ କଳଙ୍କିତ ତୁମରି ନିଶାର ନିଶାରେ
କଳଙ୍କ ମୋ ଲିଭିଯିବ ତୁମ ଚିବୁକ ସ୍ପର୍ଶରେ
ଲାଞ୍ଛନା ଅସ୍ତିତ୍ୱ ହାରିବ ତୁମ ଓଠ ଗୋଲପି ରଙ୍ଗରେ ।

ବୁହାଇ ଦିଅଗୋ ତୁମ ଓଠେ ମଧୁର ତଟିନୀ
ଚାହେଁ ତୃପ୍ତି, ଚାହେଁ ମୁକ୍ତି, ମୁଁ ଅନେକ ପିଆଶି,
ତୁମେ ଏକା, ଏ ନିଶାର ମାନସୀ ।

# ମାତୃଭାଷା



ଡଃ କୁଳାଙ୍ଗାର

ଇଂଲିଶ୍ ମିଡ଼ିୟମ୍ ଗେଟ୍ ସାମନାକୁ
ଆସିଲା ଗୋଟେ ଚିରାଫଟା ପିନ୍ଧା
ଅତ୍ୟନ୍ତ ଶୀର୍ଣ୍ଣ ବୁଢ଼ୀ;
ତାକୁ ଦେଖୁ ଦେଖୁ ରୋକିବାପାଇଁ
ସିକ୍ୟୁରିଟି ଆସିଲା ମାଡ଼ି |

ଯେହେତୁ ବିଦ୍ୟାଳୟରେ
ବିଶ୍ବମାତୃଭାଷା ଦିବସ ପାଳନ ହେଉଥିଲା;
ଭିତରକୁ ଅନ୍ୟର ପ୍ରବେଶ ନିଷେଧ
କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା |

ଖାଲି ବୁଢ଼ୀ ନୁହେଁ ମୁହଁ ପୋତି
ବସିଥିଲେ ଜଣେ ପ୍ରସିଦ୍ଧ ଓଡ଼ିଆ ଲେଖକ;
ଯିଏ ନାତୁଣୀର ଡାଏରୀରୁ ଜାଣି
ଆସିଥିଲେ ଅଯାଚିତ ହୋଇ ଟକଟକ |

ବୁଢ଼ୀ ସିକ୍ୟୁରିଟି ଗାର୍ଡ଼କୁ କହିଲା – ପୁଅ
ଭିତରକୁ ଯିବି ଗେଟ୍ ଖୋଲିଦିଅ |
ଦେଶୀ ମାଠିଆରେ ବିଦେଶୀ ମଦପରି
ଓଡ଼ିଆ ସିକ୍ୟୁରିଟିଠାରେ
ଇଂରେଜୀପଣ ରହିଥିଲା ଭରି |
କହିଲା – ନୋ ୱେ!
ଭିତରେ ପାଳନ ହେଉଛି ମାତୃଭାଷା ଡେ' |

ବୁଢ଼ୀ କହିଲା – ବାଃ
ଭାଷା ସିନା କଷ୍ଟଦିଏ
ଲାଗେ ଯଥା ଜଙ୍ଘତଳ ଘା';
ଏବେ ତା କଥା ଭାବିବାକୁ

ବସିଛନ୍ତି ଡାଡ଼ିମନ୍ଦି କରି କରି ଆଁ ।

ଏଥର ଖାସିଲା ବୁଢ଼ୀ
ପେଲିଲା ପୁଣି ଧଇଁ
କହିଲା ଗେଟ୍ ଖୋଲ ଯିବି
ଡେରି କର ନାଇଁ ।

ସିକ୍ୟୁରିଟି ପଚାରିଲା ତମ ଚେହେରା
କହୁଚି ଏଠି ନାହିଁ ତମର କାମ;
ତମର ଏଠି କିଏ ପଢୁଛି
କ'ଣ ତାର ନାମ ?

ଏତିକି କହି ସିକ୍ୟୁରିଟି
ଦେଲା ଗୋଟେ ଧକ୍କା
ରକ୍ଷା ଅଛି ଧରିନେଲେ ଲେଖକ
ବୁଢ଼ୀ ପାଇଲା ରକ୍ଷା ।

ଧିର ସ୍ବରରେ ବୁଢ଼ୀ କହିଲା
ବଢ଼ିଆରେ ପୁଅ ବଢ଼ିଆ;
ଚିହ୍ନିପାରୁନୁ ମୁଁ ପରାରେ ତୋ
ମାତୃଭାଷା ଓଡ଼ିଆ ।

# କୁହ ତ ବାପା ?



ଦେବେନ୍ଦ୍ର ପ୍ରସାଦ ବଳ

ଟାଇଁ ଟାଇଁ ଖରା, ପ୍ରବଳ ଗୁଳୁଗୁଳି ସାଙ୍ଗକୁ ଅସହ୍ୟ ଗରମ | ଗଳା ଶୁଖି ଯାଉଛି | ତଥାପି ରଘୁଆ କାମ କରୁଛି | ଜଲଦି ଜଲଦି କାମ ସାରି ଘରକୁ ଫେରିବ | ମାଇପ ଭଗବତୀକୁ ନେଇ ଯିବ ଭୋଟ୍ ଦେବାକୁ | ନ ଦେଲେ ଯେ ଅସୁବିଧା ହେଇଯିବ | ନେତାର ଗୁଣ୍ଡା ମାନଙ୍କ ପାଖରୁ ଯେ ଟଙ୍କା ନେଇଛି | ଝିଅ ଚୁମକିର ମଥା ଛୁଇଁ ଶପଥ ନେଇଛି | ଭୋଟ୍ ଦେବ ତ ସେଇ ପଶୁ, ନରରାକ୍ଷସକୁ ଦେବ | ଧଳା ପୋଷାକ ପିନ୍ଧି ନେତା ବୋଲାଉ ଥିବା ସେଇ ମଣିଷ ଟା ଯେ କେତେ କୁକର୍ମରେ ବୁଡ଼ି ରହିଛି, ତାହା ସମସ୍ତଙ୍କୁ ଜଣା |

ରଘୁଆ ବି ଜାଣିଛି | ହେଲେ ନିରୁପାୟ | ପଇସା ନେଇଛି, ଝିଅ ମଥା ଛୁଇଁଛି, ତାକୁ ହିଁ ଭୋଟ୍ ଦେବ, ନ ହେଲେ ତାର ଗୁଣ୍ଡା ମାନେ ତା ସ୍ତ୍ରୀ ଆଉ ତା ଝିଅର କି ଅବସ୍ଥା କରିବେ, ତାହା ସମସ୍ତଙ୍କୁ ଜଣା | ଗତଥର ଭୋଟ୍ ବେଳେ ବେନୁଆର ଯେ କି ହାଲ୍ କରିଥିଲେ ସେ କଥା ଭାବି ଭାବି ରଘୁଆର ଲୋମ ଶୀତେଇ ଉଠୁଥାଏ | ଏମିତି ଭାବି ଭାବି ରଘୁଆ ଯାଇ ଘରେ ପହଂଚିଲା |

ରଘୁଆ = ଆଲୋ ଚୁମକି ମା ...ଶୁଣୁଛୁ ...ଆଲୋ ଜଲଦି ବାହାରେ ...ଭୋଟ୍ ଦେବାକୁ ଯିବା ଭଗବତୀ = ହଁ ମ ...ଶୁଭୁଛି ...ଝିଅଟାକୁ ସକାଳୁ ଜ୍ବର ହେଇଛି ହେ ଚୁମକି ବାପା ...ସକାଳ ପହରୁ ତୁଣ୍ଡକୁ ପାଣି ମୁନ୍ଦେ ବି ନେଇନି | ମୁଁ ଯିବିନି, ତୁମେ ଯା ଭୋଟ୍ ଦେଇକି ଆସିବ ...ହଁ ଆସିଲା ବେଳକୁ କାହାକୁ ପଚାରି ଦି ଟା ବଟିକା ଆଣିବ | ଝୁଅଟା ମୋର ଜରରେ ଥରୁଛି |

ରଘୁଆ= ସେମିତି କେମିତି ହେବ ଲୋ ଚୁମକି ମା | ଆମେ ପରା ଦୁଇଟା ଭୋଟ୍ ପାଇଁ ଟଙ୍କା ଆଣିଛନ୍ତି |

ଭଗବତୀ = ହଁ ଜାଣିଛି | ହେଲେ କଣ କରିବା ...ଯା ତାକୁ ମୋ ଭାଗ ପଇସା ଯେତକ ଫେରେଇ ଦେବ

ରଘୁଆ = ଆଲୋ ନା'ଲୋ ସେମିତି ହେବନି ଚୁମକି ମା...ଗତ ଥର ଦେଖିନୁ କି ବେନୁଆ ର କି ହାଲ୍ କଲେ ...ତୁ ବାହାରି ଲୁ ...ଜଲଦି ବାହାରି ଲୁ ...ଭୋଟ୍ କାମଟା ସାରିଦେଇ ଆସିବା .....

ଭଗବତୀ = ଓ ହୋ ...ହଉ ହଉ ...ରୁହ ...ଯଦି ଆମେ ଯିବା ...ଚୁମକି କୁ ସାଙ୍ଗରେ ନେଇ ଯିବା |

ତା ପରେ ତିନି ଜଣ ବାହାରି ପଡିଲେ ଭୋଟ୍ ଦେବାକୁ ...ବାଟରେ ଯାଉ ଯାଉ ଚୁମକି ପଚାରିଲା |

ଚୁମକି = ବାପା ଏଇଥର ଭୋଟ୍ କାହାକୁ ଦେବ ????

ରଘୁଆ = ଆଲୋ ମା ....ସେଦିନ ରାତିରେ ଯେଉଁମାନେ ଆସି ଆମକୁ ପଇସା ଦେଇ କି ଯାଇଥିଲେ | ..ତାଂକୁ ଦେବା ...ଆଉ କାହାକୁ !!!

ଚୁମକି =ନାଇଁ ବାପା, ତାଙ୍କୁ ଭୋଟ୍ ଦିଅନି, ତୁମେ ତ ଜାଣିଛ ସେମାନେ ଭଲ ଲୋକ ନୁହନ୍ତି ...ତଥାପି ତାଙ୍କୁ କାହିଁକି ଭୋଟ୍ ଦେଉଛ ...ବାପା ଆମ ଦେଶ କଥା ଟିକେ ଭାବ ....ସେମାନେ ଆମ ଦେଶ କୁ ଲୁଟ୍ କରୁଛନ୍ତି ...ଆମକୁ ତିନି ଶହ, ଚାରି ଶହ ଟଙ୍କା ଦେଇ ସେମାନେ ଶହ ଶହ, ହଜାର୍ ହଜାର୍ କୋଟି ଟଙ୍କା ଲୁଟି ନେଉଛନ୍ତି ...ବାପା ପ୍ଲିଜ୍ ମୋ ରାଣ ସେଇ ଲୋକଟାକୁ ଭୋଟ୍ ଦିଅନି ...ମାତ୍ର ଥର ଟେ ପାଇଁ ଆମ ଦେଶ କଥା ଭାବ ବାପା ...

ରଘୁଆ= ହଁ ତୁ ସତ କହୁଛୁ ଲୋ ମା...ହେଲେ ମା ,ଆମେ ଯଦି ତାଙ୍କ ଟଙ୍କା ଫେରେଇ ଦେବା ଆଉ ତାଙ୍କୁ ଭୋଟ୍ ଦେବାନି ...ତାହେଲେ ସେ ଆମର କଣ କରିବେ ଜାଣିଛୁ ଟି ...ସେମାନେ ତୋତେ ହଇରାଣ କରିବେ ...ତୋତେ ଇସ୍କୁଲକୁ ଛାଡିବେନି ....ମୋର କଣ ଅଛି ...ମା'ଲୋ ..ମୋତେ ଖାଲି ତୋର ଚିନ୍ତା ...ତୋର ଯଦି କିଛି ହେଇଯାଏ ତାହେଲେ !!!!!!!...

ଚୁମକି= ମୋ କଥା ଚିନ୍ତା କରନି ବାପା ...ତୁମକୁ ଯାହା ଭଲ ଲାଗୁଛି ସେଇଆ

କର ...ନିଜ ବିବେକର ଅନୁମୋଦନରେ ଭୋଟ୍ ଦିଅ .... କୁହ ତ ବାପା ..ତୁମ ପାଇଁ ତୁମ ଝିଅ ତୁମକିର ଦାୟ ..ନା ଏ ଦେଶରେ ବାସ କରୁଥିବା କୋଟି କୋଟି ଜନତାର ଦାୟ ...... ..........ରଘୁଆର ମୁଣ୍ଡ କିଛି କାମ କରୁ ନ ଥାଏ ....ଟଙ୍କାକୁ ଦେଖିବ ନା ହୃଦୟ କଥା ଶୁଣିବ ..ଗୁଣ୍ଡା ମାନଙ୍କ ଡରରେ ଭୋଟ୍ ଦେବ ନା ..ବିବେକନୁମୋଦିତ ଭୋଟ୍ ଦେବ ....ବାଃ କେଡେ ବଡ କଥାଟେ ନକହିଲା ତୁମକି ...ଆଖିରୁ ଦୁଇ ଧାର ଲୁହ ବହି ଆସିଲା ...ମନେ ମନେ ସ୍ଥିରକଲା ଯାହା ହେଉ ପଛକେ ସେଇ ପଶୁ, ମଣିଷ ମରାଟାକୁ ଭୋଟ୍ ଦେବନି ....ତା ମୁହଁ ରେ ଫିଙ୍ଗି ଆସିବ ଆଣିଥିବା ଟଙ୍କାକୁ ....ଯାହା ବି ହେଉ ଏ ଥର ଡରିବନି ....ଏଥର ଠିକ୍ ଲୋକକୁ ଭୋଟ୍ ଦେବ ....ସତରେ ଝିଅ ତୁମକି ଆଜି ତାର ଆଖି ଖୋଲି ଦେଇଛି ...କେଡେ ବଡ କଥାଟେ ନକହିଲା ତୁମକି ....ବୁଥ୍ କୁ ଯାଉ ଯାଉ ରଘୁଆ ମନେ ପକଉଥାଏ ତୁମୁକିର ସେଇ କଥା ପଦକ "କୁହ ତ ବାପା ...ତୁମ ଝିଅ ତୁମକିର ଦାୟ ..ନା ଏ ଦେଶରେ ବାସ କରୁଥିବା କୋଟି କୋଟି ଜନତା ର ଦାୟ

"........ଆଉ ସେତେବେଳେ ତାର ମନେପଡି ଯାଉ ଥାଏ ଧର୍ମପଦ ର ସେଇ କଥା ଟି " ବାପା, ତୁମପାଇଁ ତୁମ ପୁଅ ଧରମା ର ଦାୟ ନା ବାରଶହ ବଢେଇର ଦାୟ "..............

# ପ୍ରୀତିରଙ୍ଗ


ସଚ୍ଚିଦାନନ୍ଦ ବାରିକ

ତମେ କେବେ ଆସ
ବୈଶାଖର ଟାଇଁ ଟାଇଁ ନିଦାଘରେ
ପୁଣି ଆସ ଶୀତଳ ସ୍ପର୍ଶଟେ ହୋଇ
ଶୂନସାନ ନିଛାଟିଆ ଦି ପହରେ ... ୧
ତମେ କେବେ ଆସ ହଠାତ୍
ଶ୍ରାବଣର ନିର୍ଦ୍ଧୂମ ବରଷାରେ
ନାଚିଯାଅ ନର୍ତ୍ତକୀଟେ ହୋଇ
ଏଇ ଟିପ୍ ଟିପ୍ ବରଷାର ସୁରେ ସୁରେ... ୨
କେବେ ତମେ କାଶତଣ୍ଡୀର
ଧୋବ ଫରଫର ଫୁଲଟିଏ
ଏଇ ଶାନ୍ତ ଶରତରେ
କେବେ ଉପନୀତ ହୁଅ ପ୍ରେମର ଶ୍ରୋତଟିଏ ହୋଇ
ରାତ୍ରୀର ନିର୍ଜନ ଏକାନ୍ତରେ ... ୩
ତମେ ଆସ ପାହାନ୍ତିଆ ଘନ କୁହୁଡ଼ିରେ
ମୋ ସପନର ପରିଟିଏ ହୋଇ
ମୁଁ ବିଭୋର୍ ତମ କଳ୍ପନାରେ
ତମ ରୂପ ଲାବଣ୍ୟରେ
ଦେଖୁଥାଏ ମନ୍ତ୍ରମୁଗ୍ଧ ଦର୍ଶକଟେ ହୋଇ... ୪
ମନେ ହୁଏ ତମ ସ୍ମୃତି ଗୁଡା
ସଦା କଅଁଳୁଥିବା ସତେଜ ପତ୍ର ପରି
ସବୁଦିନ ମାନ ଅଭିମାନ ପରେ
କେବେ ଲାଗେ ନିହାତି ଆପଣାର

ଜଣା ପଡ଼େନାହିଁ ରାତି ପରେ ରାତି ସରେ ... ୫

ଅତୀତ ସବୁ ଲାଗେ ହୋଲିର ରଙ୍ଗପରି

ବାରମ୍ବାର ବୋଳି ହେବାକୁ ମନ ହୁଏ

ତମେ କେବେ ଅବିର ସଜ୍ଜିତ ମୃରୁଜଟିଏ

ଦେଖିବାକୁ ଏ ଆଖି କେଜାଣି କେତେ ଥର ପଛକୁ ଫେରେ

ତମେ କେବେ କୋଇଲିର କୁହୁତାନଟିଏ

ଆମ୍ବ ବଉଳର ଗହଣରେ

ତମେ ଏମିତି ଏକ ସର୍ଜନା

ନ ଚାହିଁ ବି ଭାବି ହୁଏ

ମୋର ଅଧା ସମୟ

ତମ କଥା ଭାବି ସରେ... ୬

# ସେ ନିଶ୍ଚୟ ଆସିବ



ହିତେଶ୍ ମହାପାତ୍ର

ଫୁଲର ବଗିଚାରେ
ତାରାର ଗାଲିଚାରେ
ଖୋଜୁଛି ମୁଁ ତାକୁ
ସେ ନିଶ୍ଚୟ ଆସିବ |
ସେ ହିଁ ବ୍ରହ୍ମ, ସେ ହିଁ ଅନନ୍ତ
ଗୋଟିଏ ହାତେ ତାର
ଆକାଶର ବକ୍ଷ
ଅନ୍ୟ ହାତେ ପୃଥିବୀର ଅକ୍ଷ
ଚାହିଁ ଦେଲେ ତାକୁ
ଝରି ଆସେ ଲୁହ
ଦୁଃଖସୁଖ ମିଶି
ହୋଇଯାଏ କୋହ
ଭାରି ଅଝଟିଆ ମୋ ପୁଅ କାହ୍ନା
ଭାଙ୍ଗିଥାଏ ଲବଣୀ ହାଣ୍ଡି
କେତେ କଲେବି ମନା |
ନିୟମେ ସେ ମୋ ପୁଅ
ମାତ୍ର ପୋଛିଥାଏ
ସମସ୍ତଙ୍କ ଲୁହ
କାହାର ଚୋରାଏ ଚିତ୍ତ
କାହାକୁ ବନାଏ ଭକ୍ତ
କାହାକୁ ତାରେ, କାହାକୁ ମାରେ
ଆକୁଳେ ଡାକିଲେ
ହୃଦୟେ ଘର କରେ |
ଡାକି ଡାକି ତାକୁ
ଗଲିଣି ମୁଁ ଥକି
ଶୁଖିଗଲାଣି ତଣ୍ଟି
ଶୁଖି ଗଲାଣି ଲୁହ
ହେ ଗୋପାଳ...
ପଦେ ତ କଥା କୁହ |
ଆଖି ଆଗେ ଦିଶୁଅଛି
ତାର ଦୁଷ୍ଟାମୀର ହସ
ପଲକେ ମାତ୍ରେ ଭାସି ଆସେ
ତାର ଅନନ୍ତ ବେଶ |
ତା ଆଦେଶେ ସୂର୍ଯ୍ୟ ଆସେ
ତା ଆଦେଶେ ଜହ୍ନ
ତା ଆଦେଶେ ଫୁଲ ଫୁଟେ
ବୀଣା କରେ ଗାନ
ସେ ରାଗିଲେ ଗଗନ କମ୍ପେ
ସେ କାନ୍ଦିଲେ ଝରେ ବର୍ଷା
ଅଭିମାନିଆ ସେ ମୋ
ଦୁଃଖର ପସରା
ପ୍ରତୀକ୍ଷାରେ ବସିଛି ମୁଁ
ସେ ନିଶ୍ଚୟ ଆସିବ ପରା ...

# ମାଆ



ଶ୍ରୀ ସୂର୍ଯ୍ୟକାନ୍ତ ଦାଶ

ମା ର ପଣତ ଗୋଧୁଳି ସଦୃଶ
କିଏ ହେବ ତାର ସରି
ମା ଡାକି ଦେଲେ ଦୁନିଆର ଯେତେ
ପାପ ଭାର ଜାଏ ସରି ...
ଛଅ ରୁତୁ ପରେ ସାତ ରୁତୁ ପରି
ଆସେ ସ୍ମୃତି ତାର ମନେ
ଚାହିଁ ରହି ଥାଏ ସନ୍ତାନ ସୁଖରେ
ସବୁବେଳେ ରାତି ଆଉ ଦିନ ...
ଅଝଟ ହୋଇଲେ କୋଳେଇ କାଖେଇ
ଦେଖାଏ ରାତିରେ ଜହ୍ନ
ରୁପା ଜହ୍ନ ମୁଂହଟା ତାର ଝଲସି ଉଠେ
ବୁଝିଗଲେ ମୋର ମନ ...
ମନଟି ତାହାର ମନ୍ଦିର ସମାନ
ସାଗର ପରି ତା ହୃଦୟ
ସବୁବେଳେ ତାର ସନ୍ତାନ ଉପରେ
ଢ଼ାଳେ ଅଶିଷ ମୟ ...

# ଠୁକୁରୁ ଠୁକୁରୁ... ଠୁକୁରୀ



ଅନୁପମ ବେହେରା

ଠୁକୁରୁ ଠୁକୁରୁ ଚାଲି ଦେଖି ତୋର,
ଖୁସି ହେଉଥିଲା ଠୁକୁରୀ ।
କିଚିରି ମିଚିରି ଶବ୍ଦରେ ତୋର,
ଘର ଉଠୁଥିଲା ପୁରି □ ୧

ଭୁଲି ଯାଉଥିଲେ ଟେନ୍‌ସନ୍ ବାପା,
ତତେ ହାତରେ ଧରି ।
ଠୁକୁରୁ ଠୁକୁରୁ ଚାଲି ଦେଖି ତୋର,
ଖୁସି ହେଉଥିଲା ଠୁକୁରୀ □ ୨

ଚିକ୍କଣ ସବୁଜ ମସୃଣ ଦେହକୁ,
ନାଲିଆ ଥଣ୍ଟଟି ତୋ'ର ।
ମନ ଆମର ପୂରି ଉଠୁଥିଲା,
ଦେଖି ଖଣ୍ଡିଉଡା ତୋ'ର □ ୩

ଏଇ ଦିନ କେଇଟାରେ ତୁ ହେଇଥିଲୁ,
ସଦସ୍ୟଟେ ଆମ ପରିବାରର ।
ଖୁସି ହେଉଥିଲା ଠୁକୁରୀ ଦେଖି,
ଠୁକୁରୁ ଠୁକୁରୁ ଚାଲି ତୋ'ର □ ୪

ଆମରି ହାତରେ ଭାଙ୍ଗୁଥିଲୁ ତୁ ଅଳସ,
ତୋ ସୁନ୍ଦର ଡେଣାକୁ ମେଲି ।
ବୋଉ ହାତରୁ ଭାତ ଖାଉଥିଲୁ,
ଆନନ୍ଦରେ ଥଣ୍ଟ ଖୋଲି □ ୫

ତୁ ଗଲାପରେ ଘରଟା ଆମର,
ଲାଗୁଛି ତ ଖାଲି ଖାଲି ।
ଖୁସି ହେଉଥିଲା ଠୁକୁରୀ ଦେଖି,
ତୋ ଠୁକୁରୁ ଠୁକୁରୁ ଚାଲି □ ୬ (୧୭.୪.୧୪)

# କୃଷ୍ଣ ଝୁଲଣାରେ... ରଜନୀ ରାଣୀ

ପ୍ରୀତିପଦ୍ମା ପଣ୍ଡା

ତୁ ଆସୁ ଯେବେ କୃଷ୍ଣ ଝୁଲଣାରେ
କଳାଶାଢ଼ୀ ଚିକ୍ ମିକ୍ ତାରା ଗହଣାରେ
ରଜନୀ ଗନ୍ଧାର ବାସ୍ନା ପାଖୁଡ଼ାରେ
ଗଙ୍ଗଶିଉଳୀର ନାରଙ୍ଗୀ ଓଠରେ
ଆଦିତ୍ୟର ଅସ୍ତମିତ ଛିଟିକାରେ
ଫୁକିଆ ତାରାର ଆଖି ମିଟିକାରେ
ରୂପା ଚନ୍ଦ୍ରମାର ହସ ପସରାରେ
ସପ୍ତ ଋଷିଙ୍କର ପ୍ରଶ୍ନ ଭେଳିକିରେ ?

ସେବେ କୁନି ପୁଅ ଝୁଲେ ନିଦ ଝୁଲଣାରେ
ଆଇ ମା କୋଳ କାହାଣୀ ଝୁଲାରେ
କବି ଲେଖନୀରୁ ଝରେ କବିତାରେ
ଚିତ୍ରଶିଳ୍ପୀ ସେବେ ରଙ୍ଗତୂଳୀ ଧରେ
ପେଚା ବାଦୁଡ଼ିର ବିକଟାଳ ସ୍ବରେ
ବିଲୁଆର ହୁକେ ହୋ ଶବ୍ଦରେ
ନିର୍ଜନତାର କଳାଛାଇ ଘୁରେ
କିନ୍ତୁ ନବବଧୂ ବସିଥାଏ ତା'ର ପ୍ରିୟତମ ଅପେକ୍ଷାରେ

ପାହାନ୍ତି ତାରାର ବିଦାୟୀ ଭେଟିରେ
କାକ କୁକ୍କୁଟର କଳରବ ସ୍ବରେ
ଝରା ଶେଫାଳୀର ପ୍ରୀତି ଆଞ୍ଜୁଳାରେ
ତୋ ବିଦାୟ ହୁଏ ଅତି ଯତନରେ...

ଆହ୍ୱାନର ଆଗାମୀ ସଂସ୍କରଣ ମଇ ମାସରେ ପ୍ରକାଶିତ ହେବ । ନିଜ ଦ୍ୱାରା ଲିଖିତ କବିତା ଓ କାହାଣୀ ଶୀଘ୍ର ଆମ ନିକଟକୁ ପଠାନ୍ତୁ ।

ଆପଣଙ୍କ ଲିଖିତ କବିତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତିହାସ, ରୋଷେଇ, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ପଠାଇ ପାରିବେ ।

ଆମ ଇ-ମେଲ୍ ଠିକଣା :

**aahwaan@gmail.com**

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜାପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବ ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ବୀମା ନଗର - ୨ୟ ଗଳି
ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦
ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩/୯୮୬୧୯୬୨୧୬୦

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା -

aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

**If you are interested to post your Business classified ads in different pages on this e-Magazine, do please contact us. We also offer full page and half page advertisements as well as we welcome sponsors for different stories and articles and also patrons for the e-Magazine.**

**aahwaan@gmail.com / 9040985463**

**News Site @ Rs 15,000, School / College Site @ Rs 12,000**
**MLM Website @ Rs 25,000, Domain Registration @ Rs 99**
**Free Updation and Maintenance of Your Website**
**Multi-lingual (Odia, English, Hindi) site at no extra cost**

*For all your website related needs*

# Web Design
# Web Development
# Web Hosting
# MLM site script
# News Site script
# Domain Registration
# Dynamic User site script

**Visit our website / give us a call: -**

**WWW.ODIAGURU.COM / 90409 85463**